## ସଂକ୍ଷେପରେ

### ଠାକୁର ଶ୍ରୀ ନିଗମାନନ୍ଦଙ୍କ ପଦ୍ମରାଗ ଜୟନ୍ତୀ

ଧର୍ମଶାଳା,୨୬।୧୨(ଡି.ଏନ.ଏ.): ଠାକୁର ଶ୍ରୀ ନିଗମାନନ୍ଦଙ୍କ ସ୍ୱହସ୍ତ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘ,ପୁରୀ ଅଧୀନ ଧର୍ମଶାଳା ଶାଖାସଂଘର ୭୫ ବର୍ଷ ପୂର୍ତ୍ତି ତଥା ପଦ୍ମରାଗ ଜୟନ୍ତୀ ଉତ୍ସବ ଜାରକାସ୍ଥିତ ଆଶ୍ରମରେ ଡିସେମ୍ବର ୨୪ ଓ ୨୫ ଦୁଇ ଦିନ ଧରି ପାଳିତ ହୋଇଯାଇଛି । ପ୍ରଥମ ଦିବସରେ ଷୋଡଶ ଉପଚାର ପୂଜା ପରେ ବନ୍ଦନା ପ୍ରାର୍ଥନାଦି କରାଯାଇ ଠାକୁରଙ୍କ ଭାବଧାରା ଓ ଗୁରୁକରଣର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା । ମୁଖ୍ୟ ଅତିଥିରୂପେ ସ୍ଥାନୀୟ ବିଧାୟକ ଯୋଗ ଦାନ କରି ଠାକୁରଙ୍କ ଆଶୀର୍ବାଦ ଗ୍ରହଣ କରିବା ସହିତ ସଂଘ ତରଫରୁ ପ୍ରକାଶିତ ସ୍ମରଣିକା 'ସ୍ମୃତିସୁଧା' ଉନ୍ମୋଚନ କରିଥିଲେ । ସ୍ଥାନୀୟ ଧର୍ମଶାଳା ମହାବିଦ୍ୟାଳୟର ବିଜ୍ଞାନ,କଳା ଓ ବାଣିଜ୍ୟ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ମେଧା ପୁରସ୍କାର ପ୍ରଦାନ କରିଥିଲେ । ଅପରାହ୍ନ ୫ରେ ସାନ୍ଧ୍ୟ ଅଧିବେଶନ ଆରମ୍ଭ ହୋଇଥିଲା। ପ୍ରାର୍ଥନା ପରେ ଭକ୍ତମାନଙ୍କ ଦ୍ୱାରା ଆନନ୍ଦ ସଭା ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିବସରେ ଦୁଇଟି ଅଧିବେଶନ କରାଯାଇ ଆଧ୍ୟାତ୍ମିକ ଆଲୋଚନା ସହ ଦିବା ୧ ଘଟିକା ସମୟରେ ବିଦାୟ ପ୍ରାର୍ଥନା ସହ ଉତ୍ସବ ସମାପ୍ତ କରାଯାଇଥିଲା । ଉକ୍ତ ଉତ୍ସବରେ ରାଜ୍ୟର ବିଭିନ୍ନ ସଂଘରୁ ସହସ୍ରାଧିକ ଭକ୍ତ ଯୋଗଦେଇଥିଲେ। ନୀଳାଚଳ ସାରସ୍ୱତ ସଂଘର ସଭାପତି ସନ୍ତୋଷ ମହାନ୍ତି,ଉପସଭାପତି କମ୍ବୁ ଚରଣ ଧର,କୋଷାଧ୍ୟକ୍ଷ କୀର୍ତ୍ତନ ବିହାରୀ ପାତ୍ର,ପରିଚାଳନା କମିଟି ସଦସ୍ୟ ମନ୍ମଥ କୁମାର ଜେନା ,ପରାମର୍ଶ ଦାତା ମଣ୍ଡଳୀ ସମ୍ପାଦକ ସଂଗ୍ରାମ କେଶରୀ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ ।

# ଜମି ରହୁଛି ବନ୍ୟାପାଣି, ଚାଷୀ କ୍ଷତିଗ୍ରସ୍ତ

- ଡ୍ରେନେଜ ବିଭାଗର ଅବହେଳା
- ସଫେଇ, ଖୋଳେଇ ନାଁରେ ସରକାରୀ ଅର୍ଥ ହରିଲୁଟ୍
- ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଚାଷୀଙ୍କ ଅଭିଯୋଗ
- ଇନ୍‌ପୁଟ୍ ସବ୍‌ସିଡି ପାଇନାହାନ୍ତି ଚାଷୀ

ଯାଜପୁର ଅଫିସ/ପ୍ରୀତିପୁର (ଡି.ଏନ.ଏ.),୨୬।୧୨

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଞ୍ଚଳର ଅଧିକାଂଶ ଚାଷୀ ପ୍ରାୟ ପ୍ରତିବର୍ଷ ଛୋଟବଡ଼ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହେଉଛନ୍ତି। ଏଥିଯୋଗୁ ଚାଷୀମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହେବା ସହ ପାରିବାରିକ ଅଶାନ୍ତି ବଢ଼ିବାରେ ଲାଗିଛି। ବନ୍ୟା ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ଅଦ୍ୟାବଧି ହୋଇପାରିନାହିଁ। ଆଜକୁ ପ୍ରାୟ ୧୦ ବର୍ଷ ହେବ ଅରେଇ, ଚିକଣା, ଗୁହାଳି, କହେଣା ରଘୁନାଥପୁର, ବରପଦା, କପିଳା, ମାଂସଡା, ଆଉଁରୀ, ହଳଦୀଢ଼ିଅ, ଟିଣା, ପ୍ରୀତିପୁର, ଅଳକୁଣ୍ଡ, ବାଛୋଳ, ଓଳେଇ ଚନ୍ଦନପୁର, ସିଂହପୁର, ଜରି ପ୍ରଭୃତି ପଞ୍ଚାୟତର ଚାଷୀଙ୍କ ଜମିରେ ପାଣି ଜମି ରହୁଛି। ଏଥିଯୋଗୁ ଚାଷୀଙ୍କ ଶତାଧିକ ଏକର ଜମିରେ ଫସଲ ହୋଇପାରୁ ନାହିଁ। ଡ୍ରେନେଜ ବିଭାଗ ପକ୍ଷରୁ ନାଳ ସଫେଇ ଓ ଖୋଳେଇ ନାଁରେ ମିଥ୍ୟା ବିଲ ଭାଉଚର କରି ବାର୍ଷିକ ବିପୁଳ ସରକାରୀ ଅର୍ଥ ଲୁଟ୍ କରାଯାଉଛି। ଏଭଳି ଅଭିଯୋଗ ନେଇ ନବନିର୍ମାଣ କୃଷକ ସଂଗଠନର ବିଞ୍ଝାରପୁର ଶାଖା ପକ୍ଷରୁ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ବର୍ଷା ଦିନରେ ନାଳର ବିଭିନ୍ନ ସ୍ଥାନରେ ଧୀବରମାନେ ଆଡ଼ିବନ୍ଧ କରି ମାଛ ଧରୁଥିବାରୁ ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ବହୁବାର ଧୀବର ଓ ଚାଷୀଙ୍କ ମଧ୍ୟରେ ଗଣ୍ଡଗୋଳ, ମାରପିଟ ହୋଇ ମାମଲା ଥାନା ଓ ତହସିଲ ପର୍ଯ୍ୟନ୍ତ ଯାଇଛି। କିନ୍ତୁ ଚାଷୀଙ୍କ ଜମିରୁ ଇଞ୍ଚେ ହେଲେ ପାଣି ନ କମିବା ଯୋଗୁ ଧାନ ତଥା ଅନ୍ୟ ଅର୍ଥକରୀ ଫସଲ ହୋଇ ପାରୁନାହିଁ। ଏଥିଯୋଗୁ ବିଞ୍ଝାରପୁର ବ୍ଲକର ଅନେକ ହଜାର ଏକର ଜମି ପଡ଼ିଆ ପଡ଼ିଛି। ଏ ସମ୍ପର୍କରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଡ୍ରେନେଜ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଡାକି ଆସନ୍ତା ଖରିଫ ଋତୁ ପୂର୍ବରୁ ପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଉପଯୁକ୍ତ ଭାବେ ନାଳ ଖୋଳେଇବା ପାଇଁ ଭୂମି ଅଧିଗ୍ରହଣ କରି ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଏବଂ ନାଉବାଙ୍କ କାମଦେବ ମାହାରା ପର୍ଯ୍ୟନ୍ତ ନାଳ ଖୋଳିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ ଓ ୨୦୨୨ ବର୍ଷର ଇନ୍‌ପୁଟ୍ ସବ୍‌ସିଡି ଅଦ୍ୟାବଧି ଚାଷୀଙ୍କ ଆକାଉଣ୍ଟକୁ ଛଡ଼ାଯାଇ ନ ଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ୨ ସପ୍ତାହ ମଧ୍ୟରେ ଆବଶ୍ୟକ ଇନ୍‌ପୁଟ୍ ସବ୍‌ସିଡି ଚାଷୀଙ୍କ ଜମାଖାତାକୁ ପଠାଇବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ୍ ଆଜକୁ ୩ବର୍ଷ ହେବ ସିଂହପୁରଠାରେ ୩୩ କେଭି କ୍ଷମତା ବିଶିଷ୍ଟ ଗ୍ରୀଡ୍ ସବ୍‌ଷ୍ଟେସନ ବସିବାକୁ ଅର୍ଥ ମଞ୍ଜୁର କରିଛି। କିନ୍ତୁ କାର୍ଯ୍ୟ ଆରମ୍ଭ ହେଉ ନ ଥିବା ସମ୍ପର୍କରେ ସାମାଜିକ କର୍ମୀ ଭୁବନାନନ୍ଦ ସାମଲ ଲିଖିତ ଅଭିଯୋଗ କରିଥିଲେ। ଏହାର ଶୁଣାଣି କରି ବାଳମୁକୁଳି ସବ୍ ଡିଭିଜନର ଟାଟା ପାୱାରର ସହକାରୀ ଯନ୍ତ୍ରୀଙ୍କୁ ଡାକି ଚଳିତ ମାସ ସୁଦ୍ଧା କାର୍ଯ୍ୟ ଆରମ୍ଭ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସହକାରୀ ଯନ୍ତ୍ରୀ ଆସନ୍ତା ଦୁଇ ମାସ ମଧ୍ୟରେ ଓଳେଇଠାରେ ଗ୍ରୀଡ୍ ସବ୍‌ଷ୍ଟେଶନର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲାପାଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାଦ୍ୱାରା ଟିଣା, ବାଛୋଳ, ଓଳେଇ ଚନ୍ଦନପୁର, ସିଂହପୁର, ଜରି, ବାଙ୍ଗରା ପ୍ରଭୃତି ପଞ୍ଚାୟତବାସୀ ଲୋ ଭୋଲ୍ଟେଜ ସମସ୍ୟାରୁ ମୁକୁଳି ପାରିବା ସହିତ ସାମାନ୍ୟ ଝଡ଼, ବର୍ଷା ଓ ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେବ ନାହିଁ ବୋଲି ଆଶା କରାଯାଇଛି। ସଂଗଠନର ସଂଯୋଜକ ସନାତନ ସାହୁଙ୍କ ନେତୃତ୍ୱରେ ଭୁବନାନନ୍ଦ ସାମଲ, ରବୀନ୍ଦ୍ର ଜେନା, ଉଦକର ପଲେଇ, ବଳରାମ ବଳ, ଉପେନ୍ଦ୍ର ରାଉତ, ପ୍ରଫୁଲ୍ଲ ରାଉତ, ଧନେଶ୍ୱର ସାମଲ, ଅମୂଲ୍ୟ ଦେବତା, ସୀମାନ୍ତ ପାତ୍ର, ଦୈତାରି ପଣ୍ଡା, କୁଶଭଦ୍ର ପଣ୍ଡା, ସନ୍ତୋଷ ଧଳ, ଜ୍ଞାନେନ୍ଦ୍ର ବେଉରିଆ, ରବୀନ୍ଦ୍ର ଧଳ ପ୍ରମୁଖ ଜନଶୁଣାଣିରେ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।


ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ ।

### ଧର୍ମଶାଳା ବାଣୀପୀଠରେ ପ୍ରତିଷ୍ଠା ଦିବସ ପାଳିତ

ଧର୍ମଶାଳା,୨୬।୧୨(ଡି.ଏନ.ଏ.): ଧର୍ମଶାଳା ବାଣୀପୀଠର ୭୫ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଉତ୍ସବରେ ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲିକ ଯୋଗଦେଇ ୭୫ ତମ ସମାରୋହ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ମଲିକ କହିଲେ, ଉକ୍ତ ପୁରାତନ ଅନୁଷ୍ଠାନ ୭୫ ବର୍ଷ ମଧ୍ୟରେ ଅନେକ ମେଧାବୀ ଓ ଭଲ ଛାତ୍ର ସୃଷ୍ଟି କରିପାରିଛି । ଆଗକୁ ପାଳନ ହେବାକୁ ଥିବା ପ୍ଲାଟିନମ ଜୁବଲି ପାଇଁ ସେ ଶୁଭ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ଡାକ୍ତର ବିଜୟ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲର ପୁରାତନ ଛାତ୍ରୀଛାତ୍ର ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଓ ସ୍କୁଲର ପ୍ରାକ୍ତନ ଶିକ୍ଷକ ଶୁକଦେବ ପତି ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଭାତ କୁମାର କର, ଉପଦେଷ୍ଟା ରମେଶ ଚନ୍ଦ୍ର ସିଂହ, ସମ୍ପାଦକ ଆଦିକନ୍ଦ ସ୍ୱାଇଁ, କୋଷାଧ୍ୟକ୍ଷ ନୀଳମଣି ନାୟକଙ୍କ ସମେତ ସମସ୍ତ ପୁରାତନ ଛାତ୍ର, ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆଗାମୀ ଜାନୁୟାରୀ ୧୧ ଓ ୧୨ରେ ପାଳନ ହେବାକୁ ଥିବା ସ୍କୁଲର ପ୍ଲାଟିନମ ଜୁବଲି ଉତ୍ସବ ସମ୍ପର୍କରେ ପ୍ରସ୍ତୁତି ବୈଠକ ହୋଇ ସଦସ୍ୟମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଉକ୍ତ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବିଧାୟକ ପ୍ରଣବ ବଳବନ୍ତରାୟ ଓ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ସ୍ୱାଇଁ ସୂଚନା ଦେଇଥିଲେ ।

### ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂ କ୍ଲବ୍

ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ନାମେଣ୍ଟ

ବ୍ରହ୍ମବରଦା,୨୬।୧୨(ଡି.ଏନ.ଏ.): ବ୍ରହ୍ମବରଦା ୟଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲୁଥିବା ଆନ୍ତଃରାଜ୍ୟ ତୃତୀୟ କ୍ୱାର୍ଟର ଫାଇନାଲ କ୍ରିକେଟ ଟୁର୍ନାମେଣ୍ଟରେ କଟକ ଜୁଭେନାଇଲ କ୍ରିକେଟ୍ କ୍ଲବ୍‌କୁ ହରାଇ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ କ୍ଲବ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ମ୍ୟାଚରେ ଜୁଭେନାଇଲ ଟିମ୍ ପ୍ରଥମେ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ପ୍ରଗତି ସ୍ପୋର୍ଟିଂ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୨୭ରନ ସଂଗ୍ରହ କରିଥିଲା । ଦଳ ତରଫରୁ ଅମିତ କୁମାର ସାହୁ ୪୭ବଲ ଖେଳି ୬୬ରନ କରିଥିଲେ। ଅପରପକ୍ଷେ ଜୁଭେନାଇଲ ଟିମ୍ ବିଜୟ ପାଇଁ ୨୨୭ରନ ଲକ୍ଷ୍ୟକୁ ପିଛା କରି ୨୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୨୦୮ରନ ସଂଗ୍ରହ କରି ପରାଜୟ ହୋଇଥିଲା । ପ୍ରଗତି ସ୍ପୋର୍ଟିଂ ତରଫରୁ ମିଲନ ସାମଲ ୫ ଓଭର ବୋଲିଂ କରି ୩୫ରନ୍ ଦେଇ ୩ ଉଇକେଟ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜିର ମ୍ୟାଚ୍‌କୁ ଓସିଏ ପ୍ୟାନେଲର ଅମ୍ପେୟାର ଦେବରାଜ ମିଶ୍ର ଓ ସୁବ୍ରତ ଜେନା ପରିଚାଳନା କରିଥିଲେ । ଭାଷ୍ୟକାର ଭାବେ ବିରେଶ ମହାନ୍ତି ଓ ଅମିୟକାନ୍ତ ପରିଡ଼ା, ସ୍କୋରର ଭାବେ ବିଭୁପ୍ରସାଦ ମଣ୍ଡଳ, ରାଜେଶ ଦେଓ ଓ ସୁମନ ବେହେରା ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ ମ୍ୟାଚରେ ସଭାପତି ରାକେଶ ଦେଓ, ସମ୍ପାଦକ ଅମୂଲ୍ୟ ରାଉତ, କୋଷାଧକ୍ଷ ଉଦୟଭାନୁ ଦେଓ ଏବଂ ଦିନବନ୍ଧୁ ରାଉତ, ବୀରକିଶୋର ରାଉତ, ଜିତେନ୍ଦ୍ର ରାଉତ, ସ୍ମିତିରଞ୍ଜନ ରାଉତ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରସୁଲପୁର,୨୬।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଁଚି ପଞ୍ଚାୟତର ମଧୁବନହାଟସ୍ଥିତ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷଡ଼ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୂର୍ବତନ ବିଆରସିସି ପ୍ରଭାକର ସାହୁ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ମୁଖ୍ୟବକ୍ତା ଭାବେ ପ୍ରବଚକ ବିଭୁତି ଭୂଷଣପାଳ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାର୍ତ୍ତିକ ସାହୁ ପ୍ରମୁଖ ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ୪ର୍ଥ ଓ ୫ମ ଶ୍ରେଣୀକୁ ନେଇ ଶିଶୁ ବର୍ଗ ଓ ୬ଷ୍ଠ, ୭ମ ଓ ୮ମ ବର୍ଗକୁ ନେଇ ବାଳ ବିଭାଗରେ ବିଭକ୍ତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ବାଳ ବର୍ଗରୁ ପୂଜା ଗୁରୁ, ସାଇଶୁଭମ ପରିଡା, ଶିଶୁବର୍ଗରୁ ରତ୍ନପ୍ରଭା ପାଣି ଓ ପ୍ରତିଶ୍ ରଞ୍ଜନ ସାହୁଙ୍କୁ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଥିଲା । ଏଥିସହ ୨୦୨୨–୨୩ ଶିକ୍ଷାବର୍ଷରେ ବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଓ ବୃତ୍ତି ଓ ନବୋଦୟ ପାଇଥିବା ଛାତ୍ରୀଛାତ୍ର, ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିମାନେ ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ ଆୟୋଜିତ ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଶେଷକରି ଶିଶୁ ଓ ବାଲବର୍ଗରୁ କ୍ରୀଡା ଅଂଶଗ୍ରହଣ କରିପାରି ନ ଥିବା ବିଦ୍ୟାର୍ଥୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତା ଝୋଟି, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାର୍ଥୀମାନଙ୍କୁ ନେଇ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାକୁ ବ୍ୟବସ୍ଥିତ ଭାବେ କରାଯାଇ ପାରି ନ ଥିଲା । ଏଥିରେ ପ୍ରତିଯୋଗିଙ୍କ ସଂଖ୍ୟା ଅଧିକା ଥିବାରୁ କେତେଜଣ ପିଲାମାନଙ୍କୁ ସୁଯୋଗ ମିଳିପାରି ନ ଥିଲା । ଯାହାକୁ ନେଇ ଅଭିଭାବକମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

### ଜନପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ

ଅନ୍ୟପକ୍ଷେ ଆୟୋଜିତ ସଭାରେ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ସରପଞ୍ଚ ଅଶୋକ କୁମାର ମଲ୍ଲିକ ଓ ସମିତିସଭ୍ୟ ସୌମ୍ୟରଞ୍ଜନ ରାଉତଙ୍କୁ ମଞ୍ଚରେ ବସିବାକୁ ଚୌକି ଦିଆଯାଇ ନ ଥିଲା । ଏହି ଘଟଣା ପରେ ଜନ ପ୍ରତିନିଧିମାନେ ସଭା ସ୍ଥଳ ଛାଡି ଚାଲି ଯାଇଥିଲେ । ଏହି ଘଟଣାକୁ ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି । ଏ ସଂକ୍ରାନ୍ତରେ ସରପଞ୍ଚ ମଲ୍ଲିକଙ୍କୁ ପଚାରିବାରୁ ଶିଶୁ ମନ୍ଦିର ତାଙ୍କୁ ଓ ସମିତି ସଭ୍ୟଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରିଥିଲେ। ମାତ୍ର ଆମମାନଙ୍କୁ ବିଦ୍ୟାମନ୍ଦିର ପକ୍ଷରୁ ଉପଯୁକ୍ତ ସମ୍ମାନ ମିଳି ନ ଥିଲା । ଏପରି ପରିସ୍ଥିତି ଯୋଗୁ ଆମେ ଅପମାନବୋଧ କରି ଫେରି ଆସିଥିଲୁ ବୋଲି କହିଛନ୍ତି। ଉକ୍ତ ଅଭିଯୋଗ ସମ୍ପର୍କରେ ପ୍ରଧାନ ଆଚାର୍ଯ୍ୟ ମିଶ୍ରଙ୍କୁ ପଚାରିବାରୁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେମାନଙ୍କୁ ତଳେ ବସିବାକୁ ସୁଯୋଗ ଦିଆଯାଇଥିଲା। ନିୟମ ମୁତାବକ ସେ ମଞ୍ଚରେ ଚୌକି ଆବଣ୍ଟନ କରିଥିଲେ । ସେଥିରେ ସରପଞ୍ଚଙ୍କୁ ବସାଇବା ନେଇ କୌଣସି ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇ ନ ଥିଲା । ପୂର୍ବରୁ ଯାହା ନିଷ୍ପତ୍ତି ହୋଇଥିଲା ସେହି ମୁତାବକ ପଦକ୍ଷେପ ନିଆଯାଇ ଥିଲା ସେ କହିଛନ୍ତି ।

### ଉଦ୍‌ଘାଟନୀ ମ୍ୟାଚ୍‌ରେ ଚୋରମୁହାଁ ଟିମ୍ ବିଜୟୀ

କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଧର୍ମଶାଳା,୨୬।୧୨(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ବଡକାଏମା ଖେଳପଡିଆରେ ସୋମବାର କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ପାଟପୁର ଟିମ୍‌କୁ ୬ ଉଇକେଟରେ ପରାସ୍ତ କରି ଚୋରମୁହାଁ ଟିମ୍ ବିଜୟୀ ହୋଇଛି । ପାଟପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରୁ ୮.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୫ ରନ କରିଥିଲା । ଦଳପକ୍ଷରୁ ସତ୍ୟବ୍ରତ ବଳ ୨୧ରନ ଓ ରାଜେଶ ଧଳ ୧୪ ରନ କରିଥିଲେ । ବିପକ୍ଷ ଚୋରମୁହାଁ ଟିମର ସାହିଲ ଅହମ୍ମଦ ଓ ବିଜୟ ଦାସ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବ୍‌ରେ ଚୋରମୁହାଁ ଟିମ ୫.୪ ଓଭରରେ ୪ ଉଇକେଟ ହରାଇ ୭୦ ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ଶତପଥୀ ୨୪ ଓ ଅନୁପ କୁମାର ସାମଲ ୧୪ ରନ ସଂଗ୍ରହ କରିଥିଲେ । ବିପକ୍ଷ ଟିମ୍‌ର ବିଶ୍ୱଜିତ ବଳ ୩ ଉଇକେଟ ନେଇଥିଲେ। ଆଜିର ମ୍ୟାଚ୍‌କୁ ମହେଶ୍ୱର ସ୍ୱାଇଁ ଓ କାର୍ତ୍ତିକ ଗୁରୁ ପରିଚାଳନା କରିଥିଲେ । ମଙ୍ଗଳବାର ଏହି ଖେଳପଡିଆରେ ପ୍ରଥମ ମ୍ୟାଚ୍ ଚହଟା ଓ ଭବାନୀପୁର ଟିମ୍ ମଧ୍ୟରେ ମୁକାବିଲା ହେବ । ସେହିପରି ଦ୍ୱିତୀୟ ମ୍ୟାଚ ଉତ୍ତରପ୍ରତାପ ଓ ନେଉଳପୁର ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମୀରଞ୍ଜନ ରାୟ ସୂଚନା ଦେଇଛନ୍ତି ।

### ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବୈଠକ


ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବୈଠକରେ ମଞ୍ଚାସୀନ ଅତିଥି ।

ଧର୍ମଶାଳା,୨୬।୧୨(ଡି.ଏନ.ଏ.):

ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଜିଲା ବୈଠକ ଜାରକାସ୍ଥିତ ପ୍ରୟାଗ ମଣ୍ଡପଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ଧର୍ମଶାଳା ଶାଖା ସଭାପତି ଅଧ୍ୟାପକ ପ୍ରଶାନ୍ତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପରିଷଦର ରାଜ୍ୟ ସମ୍ପାଦକ ଡ.ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ଆଗାମୀ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଆଲୋଚକ ଭାବେ ରେଭେନ୍ସା କଲେଜର ଅଧ୍ୟାପକ ଦେବୀଲାଲ ମିଶ୍ର ସାହିତ୍ୟ ପରିଷଦର ଭୂମିକା ଉପରେ ଆଲୋକପାତ କରିଥିଲେ। ଧର୍ମଶାଳା ଶାଖାର ସମ୍ପାଦକ ଅଧ୍ୟାପକ ବିଜୟ କୁମାର ନାୟକ ସୂଚନା ପ୍ରଦାନ କରିଥିଲେ। କବି ସଂଗ୍ରାମ କେଶରୀ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସତ୍ୟାନନ୍ଦ ପ୍ରଧାନ, ରାମଚନ୍ଦ୍ର ବେହେରା, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଦୀନବନ୍ଧୁ ତ୍ରିପାଠୀ, ଗୋପାଳକୃଷ୍ଣ ସାହୁ, ରମେଶ ଚନ୍ଦ୍ର ନାୟକ, ଚିତ୍ତରଞ୍ଜନ ମହାନ୍ତି, ନୃସିଂହ ଚରଣ ମିଶ୍ର, ଅର୍ଜୁନ ଚରଣ ପୃଷ୍ଟି, ଗୋଲକ ଚନ୍ଦ୍ର ପଲେଇ, ସୌଭାଗ୍ୟ ରାଉତ, ଦେବେନ୍ଦ୍ର ପଟ୍ଟନାୟକ, ସୁନାକର ସାହୁ, ସବିତା ମିଶ୍ର, ସରୋଜିନି ପଣ୍ଡା ପ୍ରମୁଖ ପରିଷଦ ଉପରେ ଆଲୋକପାତ କରିବା ସହ ଭାରତ ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଓ କବିତା ଉପରେ ଆଲୋକପାତ କରିଥିଲେ । ଶେଷରେ ଈଶ୍ୱର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ: ଜଣେ ଗିରଫ

ପାରାଦୀପ,୨୬।୧୨(ସ୍ୱ.ପ୍ର.)

ପାରାଦୀପ ଆଦର୍ଶଥାନା ପୋଲିସ ଏକ କୋଇଲା ବୋଝେଇ ଟ୍ରକକୁ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଟ୍ରକ୍ ଚାଳକ ବିଜୟ ବେହେରା। ସେ ବନ୍ଦର ନିଷିଦ୍ଧାଅଞ୍ଚଳର ପ୍ଲଟ ଜିଟି–୩ରୁ ବେଆଇନ୍ ଭାବେ କୋଇଲା ବୋଝେଇ କରିଥିଲେ ବୋଲି ଇଣ୍ଡିଆ କୋକ ସଂସ୍ଥାର ସୁନିଲ ଚନ୍ଦ୍ର ଝା ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ଚାଳକ ଯେଉଁ ପ୍ଲଟରୁ କୋଇଲା ନେବା କଥା ସେଠାରୁ ନ ନେଇ ଅନ୍ୟ ପ୍ଲଟରୁ ଏହାକୁ ଚୋରି କରିଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ଏ ନେଇ ମାମଲା (ନଂ.୪୨୯/୨୨)ରୁଜୁ ହୋଇଛି।

### କିସ୍ତି ନ ଦେବାରୁ ମାର୍‌ପିଟ, ଥାନାରେ ଅଭିଯୋଗ

କଳିଙ୍ଗନଗର,୨୬।୧୨(ଡି.ଏନ୍.ଏ.): ଟିପ୍ପର ବିକ୍ରି ପରେ ଶ୍ରୀରାମ ଫାଇନାନ୍ସରେ କିସ୍ତି ବାବଦକୁ ବାକିଥିବା ଟଙ୍କାକୁ ନେଇ ମୂଳ ଗାଡ଼ି ମାଲିକ ଓ ଗାଡ଼ି ନେଇଥିବା ମାଲିକଙ୍କ ମଧ୍ୟରେ କଳହ ଲାଗି ରହିଛି । ଏହାକୁ ନେଇ ଗତ ୨୪ ତାରିଖରେ କଳିଙ୍ଗନଗର ଶିଳ୍ପାଞ୍ଚଳର ୟାଜଦାନୀ ଷ୍ଟିଲ ଆଣ୍ଡ ପାୱାର ପ୍ଲାଣ୍ଟ ସମ୍ମୁଖରେ ଗାଡ଼ିଟି ଠିଆ ହୋଇଥିବା ବେଳେ ମୂଳ ମାଲିକ ପାଣିକୋଇଲି ଥାନା ଲକ୍ଷ୍ମୀନଗର ଗ୍ରାମର ସୁରେଶ ଚନ୍ଦ୍ର ସାହୁ ଡ୍ରାଇଭରଙ୍କୁ ମାଡ଼ ମାରି ଟିପ୍ପରକୁ(ନଂ. ଓଆର ୦୯କେ୯୬୯୭)କୁ ବଳପୂର୍ବକ ସେଠାରୁ ନେଇଯାଇ ଥିଲେ । ଏ ସମ୍ପର୍କରେ ସୂଚନା ପାଇ ଟମକା ଥାନା ଅଞ୍ଚଳର ତ୍ରିଲୋଚନ ନାୟକ ଘଟଣା ସମ୍ପର୍କରେ ଯଖପୁରା ଥାନାରେ ଏତଲା ଦେଇଥିଲେ । ପୋଲିସ ଏକ ମାମଲା(ନଂ.୧୫୧ /୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବିକ୍ରି ଗାଡ଼ିକୁ ଜବତ କରାଯିବା ସହ ଗାଡ଼ି ନେଇଯାଇଥିବା ସାହୁଙ୍କୁ ଗିରଫ କରି ସୋମବାର ଅଦାଲତ ଚାଲାଣ କରିଛି ।

# ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ



ବାଜପେୟୀଙ୍କ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ।

ରସୁଲପୁର,୨୬।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ମା'ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜୟନ୍ତୀ ପାଳିତ ହୋଇଯାଇଛି । ଧର୍ମଶାଳାର ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଭାଜପା ନେତା ତଥା ଅଟଳସେନାର ପ୍ରତିଷ୍ଠାତା ଓ ରାଜ୍ୟ ସମବାୟ ପ୍ରକୋଷ୍ଠ ସଂଯୋଜକ ପବିତ୍ର ମୋହନ ଦାଶ ମଞ୍ଚ ସଞ୍ଚାଳନ କରିଥିଲେ । ଅତିଥି ଭାବେ ସାହିତ୍ୟିକ ଅର୍ଜୁନ ପୃଷ୍ଟି, ପ୍ରଫୁଲ ଶତପଥୀ, ଭାଜପା ନେତ୍ରୀ ଶ୍ରୀମନ୍ତିନୀ ଜେନା, ଅନନ୍ତ ଜେନା ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚନ୍ଦନେଶ୍ୱର ମଣ୍ଡଳ ସଭାପତି ଲକ୍ଷ୍ମୀଧର ପତି, ମୁକୁନ୍ଦଦେବ ମହାନ୍ତି, ସମୀର ସାମଲ, ଯୁବନେତା ଦେବୀ ପ୍ରସାଦ ସାମଲ, ଗୋପିନାଥ ଭୂୟାଁ, ସନ୍ତୋଷ ଜେନା, ଅଜିତ ରାଉତ, ଚୈତନ୍ୟ ନାୟକ, ସରୋଜକାନ୍ତ ସାହୁ, ଲକ୍ଷ୍ମୀଧର ରାଉତ, ଲାଲୁପ୍ରସାଦ କଦମ, ବିକ୍ରମ ଦାଶ, ବିକାଶ ରାଉତ, ଅରବିନ୍ଦ ରାଉତ, ବିରଜାପ୍ରସାଦ ଦାସ, ରବିନ୍ଦ୍ର ସାହୁ, ଅଭିମନ୍ୟୁ ଖଣ୍ଡିଆ, ନିରଞ୍ଜନ କାଣ୍ଡି, ମନୋଜ ଭଦ୍ର, ଅଭୟ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ଜିଲାପରିଷଦ ସଦସ୍ୟ ସୁଧିର ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୪୬ ଅଭିଯୋଗର ତତ୍କାଳ ସମାଧାନ

### ବିଞ୍ଝାରପୁର ବ୍ଲକରେ ଯୁଗ୍ମ ଜନ ଶୁଣାଣି ଶିବିର

ବିଞ୍ଝାରପୁର,୨୬।୧୨(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ସଭାଗୃହରେ ସୋମବାର ଯୁଗ୍ମ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଏହି ଶିବିରରେ ଅଧକ୍ଷତା କରିବା ସହ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ନ୍ୟାୟିକ ବ୍ୟବସ୍ଥାରେ ଲୋକମାନଙ୍କ ଅଧିକାରକୁ ପ୍ରାଧାନ୍ୟ ଦେବା ଏବଂ ସେମାନଙ୍କ ସମସ୍ୟା ଓ ଅଭିଯୋଗକୁ ତୁରନ୍ତ ସମାଧାନ କରି ପରିଚାଳନାରେ ସ୍ଥିରତା, ସ୍ୱଚ୍ଛତା ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଶିବିରରେ ଆବାସ ଯୋଜନା, ଚିକିତ୍ସା ସହାୟତା, ଭତ୍ତା ପ୍ରଦାନ, ଜଳ ଯୋଗାଣ, ଜମିଜମା ସମ୍ବନ୍ଧୀୟ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଶୁଣାଣିରେ ମୋଟ ୬୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିରୁ ୫୭ଟି ବ୍ୟକ୍ତିଗତ ଓ ୧୨ଟି ସାମୁହିକ ଅଭିଯୋଗ ଥିଲା । ତନ୍ମଧ୍ୟରୁ ରେଡ଼କ୍ରସ ସହାୟତା ପାଇଁ ୧୯ଟି ଆବେଦନ ଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୧୭ ଆବେଦନର ଶୁଣାଣୀ ହୋଇଥିଲା । ତତ୍କାଳ ୪୬ଟି ଆବେଦନର ସମାଧାନ କରାଯାଇଥିଲା । ଅବଶିଷ୍ଟ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଏହି ଶିବିରରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସରୋଜ କୁମାର ଉପାଧ୍ୟାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁବାସ ସାମଲ , ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ, ଜିଲ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ବିଡିଓ ମିନତୀ ଜଗଦେବ ଏବଂ ଅତିରିକ୍ତ ତହସିଲଦାର ଠାକୁର ଦାସ ନାୟକ ଏବଂ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।


ଯୁଗ୍ମ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟମାନେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୭ ଡିସେମ୍ବର, ୨୦୨୨



**ଗହୀରମଥାରୁ ୧ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ**

ରାଜନଗର, (ଡି.ଏନ.ଏ.): ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ ମତ୍ସ୍ୟଜୀବୀକୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଏକକୁଳା ନିକଟରେ ଯଦୁପତି-୨ ନାମକ ଟ୍ରଲରକୁ ଜବତ କରିଥିଲେ। ଟ୍ରଲରରୁ ୭ କୁଇଣ୍ଟାଲ ମାଛ, ଗୋଟିଏ ଜିପିଏସ, ଗୋଟିଏ ଭିଏଚଏଫ, ଗୋଟିଏ ଫିସ ଫାଇଣ୍ଡର ଓ ୬ଟି ଜାଲ ଜବତ କରିଥିଲେ। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଅର୍ଜୁନ ବେରା, ଗୋପାଳ ଦାସ, ମଧୁସୂଦନ ମଣ୍ଡଳ, ରାମ ପ୍ରସାଦ ସରକାର, କିନରାମ ମଣ୍ଡଳ, ଶତ୍ରୁଘନ ନାୟକ, ନିର୍ମଳ ଦାସ, ବାଚସ୍ପତି ଜାନା।

## ସଂକ୍ଷେପରେ

### ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ: ଜଣେ ଗିରଫ

ପାରାଦୀପ,୨୬।୧୨(ସ୍ୱ.ପ୍ର.): ପାରାଦୀପ ଆଦର୍ଶଥାନା ପୋଲିସ ଏକ କୋଇଲା ବୋଝେଇ ଟ୍ରକକୁ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଟ୍ରକ୍ ଚାଳକ ବିଜୟ ବେହେରା। ସେ ବନ୍ଦର ନିଷିଦ୍ଧାଞ୍ଚଳର ପ୍ଲଟ ଜିଟି-୩ରୁ ବେଆଇନ୍ ଭାବେ କୋଇଲା ବୋଝେଇ କରିଥିଲେ ବୋଲି ଇଣ୍ଡିଆ କୋକ ସଂସ୍ଥାର ସୁନିଲ ଚନ୍ଦ୍ର ଝା ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ଚାଳକ ଯେଉଁ ପ୍ଲଟରୁ କୋଇଲା ନେବା କଥା ସେଠାରୁ ନ ନେଇ ଅନ୍ୟ ପ୍ଲଟରୁ ଏହାକୁ ଚୋରି କରିଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ଏ ନେଇ ମାମଲା (ନଂ.୪୨୯/୨୨)ରୁଜୁ ହୋଇଛି।

### ସ୍ୱାସ୍ଥ୍ୟ ଶିବିରରେ ୫୦ ଜଣଙ୍କ ଚକ୍ଷୁ ପରୀକ୍ଷା

ଆଳି,୨୬।୧୨(ଡି.ଏନ.ଏ.): ଆଳି ବ୍ଲକ ବଡ଼ମଙ୍ଗ-ମଠସାହି ଗାଁର ଯୁବତୀଯୁବକ, ସାମାଜିକ କର୍ମୀମାନଙ୍କୁ ନେଇ ଗଠିତ ବି.ଏମ. ହେଲପିଙ୍ଗ ହ୍ୟାଣ୍ଡ ସଂଘ ପକ୍ଷରୁ ୨ ଦିନିଆ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଶର୍ମିଳା ବାରିକ ଓ ସମ୍ପାଦକ ଅଶେଷ କାବ୍ୟଜିତ ବଳଙ୍କ ନେତୃତ୍ୱରେ ବଡ଼ମଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଥମ ଦିବସରେ ଭୁବନେଶ୍ୱରର ସେଣ୍ଟର ଫର ସାଇଟର ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞମାନେ ଯୋଗଦେଇ ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଆଖି ପରୀକ୍ଷା କରିଥିଲେ। ଦ୍ୱିତୀୟ ଦିନରେ ଆୟୋଜିତ ରକ୍ତଦାନ ଶିବିରରେ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସେହିପରି ସାଇ କିରଣ ଡାକ୍ତରଖାନାର ଡା. ଦେବାଶିଷ ରାୟ, ମନୋରଞ୍ଜନ ପଣ୍ଡା, ଋତୁପର୍ଣ୍ଣା ଶୁଭସ୍ମିତା, ଅବିନାଶ ରାୟ, ସୁପ୍ରିୟା ମହାନ୍ତି, ବିଶ୍ୱଜିତ ମହାପାତ୍ର, ପ୍ରିତେଶ ପାରିଜାତ, ସୁଦୀପ୍ତ ଆଶେ ଓ ହରମୋହନ ବାରିକ ପ୍ରମୁଖ ଶିଶୁ, କାନ, ନାକ, ଗଳା, ସର୍ଜରୀ, ଅର୍ଥପେଡ଼ିକ୍ସ, ମେଡ଼ିସିନ ବିଭାଗର ଡାକ୍ତରମାନେ ଯୋଗଦେଇ ଶିବିରକୁ ଆସିଥିବା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରକୁ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ। ସଂଘର ଏହି ମହତ କାର୍ଯ୍ୟ ନିମନ୍ତେ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

### ସୂର୍ଯ୍ୟମୁଖୀର ବାର୍ଷିକ ଉତ୍ସବ

ପାରାଦୀପ,୨୬।୧୨(ସ୍ୱ.ପ୍ର.): ପାରାଦୀପର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୂର୍ଯ୍ୟମୁଖୀ ସ୍ୱେଚ୍ଛାସେବୀ ସଂଗଠନର ୩୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସୋମବାର ପୂର୍ବାହ୍ନରେ ଆୟୋଜିତ ସଭାରେ ଅତିଥିଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପ୍ରମୋଦ କୁମାର ମହାପାତ୍ର, ପରିବେଶ ଯନ୍ତ୍ରୀ ଟ୍ୱିଙ୍କଲି ମହାନ୍ତି, ପୀତାମ୍ବର ତରାଇ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନ ଦ୍ୱିତୀୟ ଅଧିବେଶନରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଦତ୍ତ ସାମନ୍ତରାୟ, ପ୍ରଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦିକା ହାରାମଣୀ ମହାପାତ୍ର ସଞ୍ଚାଳନ କରିଥିଲେ।

### ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ ଭାଜପାର ସତ୍ୟାଗ୍ରହ

ଏରସମା,୨୬।୧୨(ସ୍ୱ.ପ୍ର.): ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ ପରିସରରେ ସୋମବାର ରାଜ୍ୟ ସରକାରଙ୍କ ବିରୋଧରେ ଭାଜପା ପକ୍ଷରୁ ସତ୍ୟାଗ୍ରହ କରାଯାଇଛି। ଏନେଇ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ ଉପସ୍ଥିତ ହୋଇ ଓଡିଶାରେ ଆଇନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଥିବାବେଳେ ନିର୍ଯାତନା ବୃଦ୍ଧି ଘଟୁଥିବା ଦର୍ଶାଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏଥିରେ ଓବିସି ମୋର୍ଚ୍ଚାର ଜିଲା ସମ୍ପାଦକ ଅମରେନ୍ଦ୍ର ଦଳାଇ, ନିରାକାର ସ୍ୱାଇଁ, ଜିତେନ କୁମର ଜେନା, ନିର୍ଷିପ୍ତ ଜେନା, ସୁଦର୍ଶନ ମଲ୍ଲିକ, ନୃସିଂହ ନାରାୟଣ ସେଠୀ, କେଦାର ପରିଡା ଓ ଲକ୍ଷ୍ମୀଧର ଓଝା ପ୍ରମୁଖ ସାମିଲ ହୋଇଥିଲେ ।

### ତବଲା ବାଦକଙ୍କ ପାଇଁ ସ୍ମୃତି ସଭା

ପାରାଦୀପ,୨୬।୧୨(ସ୍ୱ.ପ୍ର.): ପାରାଦୀପ ମଧୁବନସ୍ଥିତ ସାଗରିକା କଳା ନିକେତନ ପରିସରରେ ସୋମବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ତବଲା ବାଦକ ଉମେଶ କରଙ୍କ ଗତ ସପ୍ତାହରେ ମୃତ୍ୟୁ ହୋଇଥିଲା। କଳା ନିକେତନ ଅଧକ୍ଷ ପ୍ରଫୁଲ୍ଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବ୍ରଜକିଶୋର ମଲ୍ଲିକ, ନିରୋଜ କୁମାର ପଟ୍ଟନାୟକ ପ୍ରମୁଖ ଏହାକୁ ସଞ୍ଚାଳନ କରିଥିଲେ।

# ଫାଷ୍ଟଫୁଡ୍ ଖାଦ୍ୟରେ ରାସାୟନିକ ଦ୍ରବ୍ୟ

ପଟ୍ଟାମୁଣ୍ଡାଇ, ୨୬।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ସହରବାସୀଙ୍କ କ୍ଷେତ୍ରରେ ଫାଷ୍ଟଫୁଡ୍‌ର ଆଦର ବୃଦ୍ଧି ପାଇବାରେ ଲାଗିଛି, ଯାହାକୁ ନେଇ ସହରର ସାହି ଛକଠାରୁ ଆରମ୍ଭ କରି ମୁଖ୍ୟ ଛକରେ ମଧ୍ୟ ମାଳ ମାଳ ଫାଷ୍ଟଫୁଡ୍ ଦୋକାନ ଗଢ଼ିଉଠିଛି। ବିଶେଷକରି କରୋନା ପରେ କଟକଣା କୋହଳ ହେବାରୁ ଫାଷ୍ଟଫୁଡ୍ ଦୋକାନ ସଂଖ୍ୟା ବୃଦ୍ଧି ପାଇଛି। ସହରର କଲେଜ ରାସ୍ତାରେ ଅଧିକ ସଂଖ୍ୟକ ଫାଷ୍ଟଫୁଡ ଦୋକାନ ରହିଛି। ଯେଉଁଠାରେ ସନ୍ଧ୍ୟା ହେବାମାତ୍ରେ ଆମିଷ ଓ ନିରାମିଷ ସୁଆଦିଆ ଖାଦ୍ୟପଦାର୍ଥ ବିକ୍ରି ହେଉଛି। ସେହିପରି ମହାବୀର ବଜାର ଛକ, ନୀଳମାଧବ ବଜାର, ବସ୍‌ଷ୍ଟାଣ୍ଡ, ହାଇସ୍କୁଲ ରୋଡ୍ ଆଦି ଅଞ୍ଚଳରେ ଫାଷ୍ଟଫୁଡ୍ ଦୋକାନ ଖୋଲିଥାଏ। ଯେଉଁଠାରେ ପୂର୍ବାହ୍ନ ଜଳଖିଆଠାରୁ ଆରମ୍ଭକରି ମଧ୍ୟାହ୍ନ ଓ ବିଳମ୍ବିତ ରାତ୍ରି ଯାଏ ଖାଦ୍ୟପଦାର୍ଥ ବିକ୍ରି ହୋଇଥାଏ। କିନ୍ତୁ ଏହି ଖାଦ୍ୟପଦାର୍ଥ କେତେ ସୁରକ୍ଷିତ, ଏହା ପରିଷ୍କାର ପରିଚ୍ଛନ୍ନତା ମଧ୍ୟରେ ପ୍ରସ୍ତୁତ କରାଯାଉଛି କି ନାହିଁ ସେ ବିଷୟରେ ସହରବାସୀ ଅଜ୍ଞ। ଫଳରେ ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଥିବା ଫାଷ୍ଟଫୁଡ୍‌ପ୍ରେମୀ ବିଭିନ୍ନ ପେଟରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ଏହି ଫାଷ୍ଟଫୁଡ୍ ସେଣ୍ଟରଗୁଡ଼ିକର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଦିଆଯାଉଥିବା ଲାଇସେନ୍ସ ଅଛି କି ନାହିଁ ତାହା କାହାକୁ ଜଣାନାହିଁ। ବିଭାଗ ପକ୍ଷରୁ ସହରରେ କେତୋଟି ଫାଷ୍ଟଫୁଡ୍ ଦୋକାନ ରହିଛି ତାହାର ତଥ୍ୟ ସହ ଖାଦ୍ୟର ମାନ ଯାଞ୍ଚ ହେଉ ନ ଥିବାରୁ ବ୍ୟବସାୟୀମାନେ ଗ୍ରାହକଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଉଛନ୍ତି। ଏଥିସହ ଖାଦ୍ୟଦ୍ରବ୍ୟକୁ ଆକର୍ଷିତ କରିବା ନିମନ୍ତେ ନାଲି ରଙ୍ଗ ଓ ଅନ୍ୟ ରାସାୟନିକ ଦ୍ରବ୍ୟ ବ୍ୟବହାର କରୁଛନ୍ତି। ବ୍ୟବସାୟୀମାନେ ଅଧିକ ବେପାର ଆଶାରେ ଏସବୁ ରାସାୟନିକ ଉପାୟ ଅବଲମ୍ବନ କରୁଥିବା ବେଳେ ତାହା ଖାଦ୍ୟପ୍ରେମୀଙ୍କ ପାଇଁ ବିଷାକ୍ତ ପାଲଟିଛି। ଏ ବାବଦରେ କେନ୍ଦ୍ରାପଡ଼ା ଖାଦ୍ୟ ସୁରକ୍ଷା ବିଭାଗ ଅବଗତ ଥାଇ ମଧ୍ୟ କୌଣସି ଯାଞ୍ଚ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସହରର ରାସ୍ତାକଡ଼ରେ ଗଢ଼ିଉଠୁଥିବା ହୋଟେଲରେ ବିଭିନ୍ନ ଆମିଷ ଦ୍ରବ୍ୟରେ ଉକ୍ତ ରାସାୟନିକ ରଙ୍ଗ ବହୁଳ ପରିମାଣରେ ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛି। ଖାଦ୍ୟ ପଦାର୍ଥଗୁଡ଼ିକ ଯାଞ୍ଚ ନିମନ୍ତେ ଖାଦ୍ୟ ସୁରକ୍ଷା ବିଭାଗରେ ଅଧିକାରୀ ରହିଛନ୍ତି। କିନ୍ତୁ କେବେ ବି କୌଣସି ଅଧିକାରୀ ସହରରେ ଖାଦ୍ୟ ଯାଞ୍ଚ କରୁନାହାନ୍ତି। ସହରରେ ଛତୁ ଫୁଟିଲା ଭଳି ଫାଷ୍ଟଫୁଡ ଦୋକାନ ଗଢ଼ିଉଠିଥିବା ଅଭିଯୋଗ ହୋଇଛି। ଏ ନେଇ କେନ୍ଦ୍ରାପଡ଼ା ଖାଦ୍ୟ ସୁରକ୍ଷା ଅଧିକାରୀ ମିଥୁନ ସାହାଙ୍କୁ ପଚାରିବାରେ ଆଗାମୀ ଦିନରେ ଫାଷ୍ଟଫୁଡ୍ ଦୋକାନଗୁଡ଼ିକରେ ଖାଦ୍ୟ ଯାଞ୍ଚ ହେବା ନେଇ ଯୋଜନା ରହିଛି। ଖୁବ୍‌ଶୀଘ୍ର ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।




# ସାମାଜିକ ଚଳଣିରେ ଲକ୍ଷ୍ମଣରେଖା ମାନି ବାଟ ଚାଲିବା ଆବଶ୍ୟକ

ରଘୁନାଥପୁର,୨୬।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ବିଦ୍ୟାମନ୍ଦିରର ୧୯୮୨ ବ୍ୟାଚ ମେଧାବୀ ଛାତ୍ର ସଚିତ୍ରାନନ୍ଦ ନାୟକଙ୍କ ବିୟୋଗରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିରରେ ସାମୂହିକ ଦୀପଦାନ ସହ ତାରାରୋପଣ କରାଯାଇଛି। ଆବାହକ କ୍ଷେତ୍ରମୋହନ ବେହେରାଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରାଯାଇଥିଲା। ଏଥିରେ ପୁରାତନ ଛାତ୍ର ଡ.ତପନ କୁମାର ଜେନା ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ୱର୍ଗତ ନାୟକଙ୍କ ବଡ଼ଭାଇ ସଙ୍ଗୀତ ନିର୍ଦ୍ଦେଶକ ପିତ୍ରମୋହନ ପଟ୍ଟନାୟକ ଯୋଗଦେଇ ସାନଭାଇ ପ୍ରତି ଥିବା ଶ୍ରଦ୍ଧା ଓ ଅନ୍ତରର ଆବେଗକୁ ବର୍ଣ୍ଣନା କରିଥିଲେ। ଏହାଛଡା ସାମାଜିକ ଚଳଣିରେ ଥିବା ପ୍ରତିଟି ଲକ୍ଷ୍ମଣରେଖାକୁ ସମସ୍ତେ ମାନି ବାଟ ଚାଲିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। ପୂର୍ବତନ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ସ୍ୱର୍ଗତ ନାୟକଙ୍କ ଛାତ୍ରଜୀବନର ଉଦ୍ୟମତ୍ତା ଓ ଶିକ୍ଷା ପରାକାଷ୍ଠା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ବକ୍ତାଭାବେ ଅଧ୍ୟାପିକା ସୁଶ୍ରୀ ଗୀତା ରଥ, ଅଧ୍ୟାପକ ଭଗବାନ ବିଶ୍ୱାଳ, ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ, ରବି ନାରାୟଣ ଆଚାର୍ଯ୍ୟ, ଅଜୟ କୁମାର ବରାଳ, ସରୋଜ କୁମାର ନାୟକ, ରଘୁନାଥ ସ୍ୱାଇଁ, ପ୍ରତିମା ମହାପାତ୍ର ଓ କାବେରୀ ଭୋଳ ପ୍ରମୁଖ ଯୋଗଦେଇଥିଲେ। ଶରତ ଚନ୍ଦ୍ର ବାରିକ, ସୋମାଂଶୁ ଜେନା, ଗଗନ ନାୟକ, ଲକ୍ଷ୍ମୀଧର ସାହୁ, ରମେଶ ମହାପାତ୍ର ଓ ଚାରୁଲତା ସ୍ୱାଇଁ ଏଥିରେ ସହଯୋଗ କରିଥିଲେ। ଶେଷରେ ସନ୍ତୋଷ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ପାରାଦୀପରେ ଡିପିଏସ୍‌ର ବାର୍ଷିକ କ୍ରୀଡ଼ା ଅବସରରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଡିପିଏସର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ

ପାରାଦୀପ, ୨୬।୧୨(ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାର ଟାଉନଶିପରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ର ପଞ୍ଚମ ବାର୍ଷିକ କ୍ରୀଡା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ଜଗ୍ନେଶ୍ୱର ବୋରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କ୍ରୀଡାରେ ଦୌଡ, ଡିଆଁ, ଟର୍ଚ୍ଚ ଡ୍ରିଲ,ସାଇକେଲ ରାଲି ଆଦି ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କରଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତୈଳ ବିଶୋଧନାଗାର ସିଜେଏମ୍ ମୁକେଶ ମୋହନ ଯୋଗଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ।

# ଋଣର ସଦୁପଯୋଗ କରି ଉତ୍ପାଦନକ୍ଷମ ହୁଅ

## ମିଶନ ଶକ୍ତି ପକ୍ଷରୁ ବ୍ଲକସ୍ତରୀୟ ଋଣ ମେଳା



ଅତିଥିମାନେ ଏସ୍‌ଏଚ୍‌ଜିର ସଦସ୍ୟାମାନଙ୍କୁ ଋଣ ପ୍ରଦାନ କରୁଛନ୍ତି।

ଏରସମା,୨୬।୧୨(ସ୍ୱ.ପ୍ର.)

ଏରସମା ବ୍ଲକ ପରିସରରେ ସୋମବାର ମିଶନ ଶକ୍ତି ପକ୍ଷରୁ ଲୋନ ମେଳା ଅନୁଷ୍ଠିତ ହୋଇଯାଇଛି । ଜ୍ଞାନ ରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଡିଓ କୈଳାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ସରକାରଙ୍କ ଯୋଜନା ଅନୁସାରେ ବ୍ୟାଙ୍କ ପକ୍ଷରୁ ଋଣ ଯୋଗାଇ ଦିଆଯାଉଛି । ସେମାନେ ତାହାର ସଦୁପଯୋଗ କରି ଉତ୍ପାଦନକ୍ଷମ ହେବାକୁ ଉଦ୍ୟମ କରିବା ଉଚିତ । ସିଡିପିଓ ମଞ୍ଜୁଲତା ବେହେରା, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ଜିପିଓ ଦୀପକ କୁମାର ଓଝା, ୟୁକୋ ବ୍ୟାଙ୍କ ବାଲିତୁଠ ଶାଖା ପରିଚାଳକ ଶୁଭକାନ୍ତ ସ୍ୱାଇଁ, ସେଣ୍ଟ୍ରାଲ ବ୍ୟାଙ୍କ ଓଲରା ଶାଖା ପରିଚାଳକ କର୍ମବୀର ସେନାପତି, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ପଞ୍ଚପଲୀ ଶାଖା ପରିଚାଳକ ବାଳକ୍ରୀଷ୍ଣ ମହପାତ୍ର, ମିଶନ ଶକ୍ତିର କର୍ମକର୍ତ୍ତା କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗଣେଶ କୁମାର ସ୍ୱାଇଁ ଓ ସ୍ମୃତି ରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ ଏସ୍‌ଏଚଜି ଗ୍ରୁପ୍‌କୁ ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୩୪ ଏସ୍‌ଏଚଜିର ସଦସ୍ୟା,ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ରମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଜନଶୁଣାଣିରେ ୩୫ ଅଭିଯୋଗ

ବିରିଡି,୨୬।୧୨(ଡି.ଏନ୍.ଏ)



ଜିଲାପାଳ ପାରୁଲ ପଟୱାରୀ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ବିରିଡି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରି ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୩୫ ଅଭିଯୋଗ ହୋଇଥିଲା। ସେଥିରୁ ଆବାସ ଯୋଜନା ସମ୍ପର୍କିତ ୧୧ ଅଭିଯୋଗ ହୋଇଥିଲା। ବାଗଲପୁର ସରପଞ୍ଚ ତରୁଣ ଦାସ୨୦୨୨-୨୩ର ସମିତି ଶେୟାରକୁ ବ୍ଲକ ପ୍ରଶାସନ ମନଇଚ୍ଛା ସରପଞ୍ଚଙ୍କୁ ନ ଜଣାଇ ଖର୍ଚ୍ଚ କରିବା ଉପରେ ଅଭିଯୋଗ କରିଥିଲେ । ନ୍ୟାଶନାଲ ଫ୍ୟାମିଲି ବେନିଫିଟ ଯୋଜନାରେ ଅର୍ଥ ପ୍ରଦାନ କରିବାକୁ ଅଡ଼ଙ୍ଗଗଡର ସଞ୍ଜୁଲତା ସାହୁ ଅଭିଯୋଗ କରିଥିଲେ। ବାରଡିଆ ପଞ୍ଚାୟତରେ ଗତ କୋଭିଡ ସମୟରେ ଦିଆଯାଇଥିବା ଖାଦ୍ୟ ବଣ୍ଟନର ଅର୍ଥ ମିଳି ନ ଥିବାରୁ କିଶୋର ପାଲ ଅଭିଯୋଗ କରିଥିଲେ । ଡିମାରକେସନ ସମ୍ବନ୍ଧୀୟ ଗୋବିନ୍ଦ ବେଜ, ନାଥ ମଲିକ ଫସଲ କ୍ଷତି ଓ ବ୍ରହ୍ମାନନ୍ଦ ଜେନା ତାଙ୍କ ସ୍ଥିତିବାନ ଜମିକୁ ତହସିଲଦାର ସରକାରୀ ଜମି ଦର୍ଶାଇ ଥିବାରୁ ମୋ ପୋଖରୀ ଯୋଜନାରେ ଏହାକୁ ଖୋଳିଥିଲେ ମଧ୍ୟ ସବ୍‌ସିଡି ମିଳିପାରୁ ନାହିଁ ବୋଲି ଅଭିଯୋଗ କରିଥିଲେ । ସେହିପରି ଅନ୍ୟାନ୍ୟ ଅଭିଯୋଗ ହୋଇଥିଲା । ଏସବୁ ଅଭିଯୋଗର ତୁରନ୍ତ ବିଚାର କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପିଡି ଡା.ରୁଦ୍ର ନାରାୟଣ ଦାଶ, ଉପଜିଲାପାଳ ଧର୍ମେନ୍ଦ୍ର ମଲିକ, ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂ, କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ମିନିଷ୍ଟର ଅଫ୍ ସୋସିଆଲ ଜଷ୍ଟିସ , ହେଲ୍‌ଥ ଓ ଫାଇନାନ୍ସ ବିଭାଗର ଅଫିସରଙ୍କ ସହ ବିଡିଓ ହେମନ୍ତ କୁମାର ମହାନ୍ତ, ତହସିଲଦାର ସହଦେବ ସାହୁ, ବ୍ଲକ ଅଧକ୍ଷା ମମତା ପାତ୍ର, ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ ।

# ଚିନ୍ତାମୁକ୍ତ ଜୀବନ ପାଇଁ ସତ୍‌ସଙ୍ଗ

ପାରାଦୀପ,୨୬।୧୨(ସ୍ୱ.ପ୍ର.)

ପାରାଦୀପ ମଧୁବନସ୍ଥିତ ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ରବିବାର ସନ୍ଧ୍ୟାରେ ଶିବ ସନ୍ଦେଶ ଅଭିଯାନ ସତସଙ୍ଗ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଶତାଧିକ ଅନୁଗାମୀ ଯୋଗ ଦେଇଥିଲେ। ଏହି ଅବସରରେ ଏବେର ଜଞ୍ଜାଳମୟ ସମୟରେ କିପରି ଚିନ୍ତାମୁକ୍ତ ଜୀବନ ନିର୍ବାହ କରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ରହ୍ମାକୁମାରୀ ସୁମନଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାରେ ବ୍ରହ୍ମାକୁମାର କାହ୍ନୁ ଭାଇ ସନ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପସଂରକ୍ଷକ ଅଲେଖ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

# ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ଥାନପତି ବିଜୟୀ

ମାର୍ଶାଘାଇ,୨୬।୧୨(ଡି.ଏନ୍.ଏ.)

ସ୍ଥାନୀୟ ବଜ୍ରମହାକାଳୀ କ୍ରିକେଟ କ୍ଲବ ଧନିଆପଡ଼ା ଆନୁକୂଲ୍ୟରେ ଆୟୋଜିତ ଦ୍ୱାଦଶ ବାର୍ଷିକ ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ତିଖିରୀ ଷ୍ଟେଟ ବ୍ୟାଙ୍କର ସହ ଶାଖା ପରିଚାଳକ ଅମିତ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭିକ କ୍ୱାର୍ଟର ଫାଇନାଲ ମ୍ୟାଚ ବାବା ଇଲେଭେନ କେନ୍ଦ୍ରାପଡ଼ା ଓ ଥାନପତି କ୍ରିକେଟ କ୍ଲବ ଜଗତ୍‌ସିଂହପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ବାବା ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୯.୪ ଓଭରରେ ତା'ର ସମସ୍ତ ଉଇକେଟ ହରାଇ ୧୩୯ ରନ କରିଥିଲା। ଜବାବରେ ଥାନପତି ଟିମ୍ ୧୭.୩ ଓଭରରେ ୯ ଟି ଉଇକେଟ ହରାଇ ଏକ ଉଇକେଟରେ ବିଜୟୀ ହୋଇଥିଲା। ଅଲରାଉଣ୍ଡ ସଫଳତା ପାଇଁ ବାବା ଇଲେଭେନର ରାଜେଶଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଖେଳକୁ ସତ୍ୟରଞ୍ଜନ ମଲ୍ଲିକ ଓ ବିଷ୍ଣୁପ୍ରସାଦ ମଲ୍ଲିକ ପରିଚାଳନା କରିଥିଲେ।

# ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ସତ୍ୟାଗ୍ରହ

ଜଗତ୍‌ସିଂହପୁର,୨୬।୧୨

ରାଜ୍ୟ ଭାଜପା ସଭାପତି ସମିର ମହାନ୍ତିଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ବିରୋଧରେ ଜିଲାର ସମସ୍ତ ମଣ୍ଡଳର ମହାପୁରୁଷ ପାଖରେ ସତ୍ୟାଗ୍ରହ କରାଯିବ ବୋଲି ସ୍ଥିର କରାଯାଇଛି। ଏଥିପାଇଁ ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ନଗର ମଣ୍ଡଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଗୋପବନ୍ଧୁ ପାର୍କରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ସତ୍ୟାଗ୍ରହ କରାଯାଇଥିଲା। ଓଡ଼ିଶାରେ ବିଜେଡି ଗତ ୨୩ ବର୍ଷ ଧରି ନିରଙ୍କୁଶ ଶାସନରେ ରହିବା ସତ୍ତ୍ୱେ ରାଜ୍ୟରେ ଅରାଜକତା ବଢ଼ିଚାଲିଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏଥିରେ ଦଳର ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତି, ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ମିଡିଆ ସେଲ୍ ଅଧକ୍ଷ ଗଣେଶ ପ୍ରସାଦ ମହାନ୍ତି, ପୌର ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, କଳ୍ପନା ମହାନ୍ତି, ସର୍ଜନ ସିଂ, ରାଜଶ୍ରୀ ଦାସ, ପ୍ରମୁଖ ଯୋଗ ଦେଇଥିଲେ।




ସତ୍ୟାଗ୍ରହରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତାମାନେ।

# ଆକର୍ଷଣୀୟ ହେବ ଜିଲା ମହୋତ୍ସବ, ପୁସ୍ତକ ମେଳା

ଜଗତ୍‌ସିଂହପୁର ଅଫିସ, ୨୬।୧୨




ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ସାଂସ୍କୃତିକ ପରିଷଦର କର୍ମକର୍ତ୍ତାମାନେ।

ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦର ଅଧକ୍ଷ ତଥା ଜିଲାପାଳ ପାରୁଲ ପଟୱାରୀ ଯୋଗ ଦେଇ ୨୪ତମ ପୁସ୍ତକ ମେଳାକୁ ସରସସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚଳିତ ବର୍ଷ ଜିଲା ମହୋତ୍ସବ କଲ୍ଲୋଳ ସହ ପୁସ୍ତକ ମେଳା ଏକକାଳୀନ ହେଉଥିବାରୁ ଏହାକୁ ଅଧିକ ଆକର୍ଷଣୀୟ କରାଯିବ। ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଏହାକୁ ଆୟୋଜନ କରାଯିବ। ବୈଠକରେ ପରିଷଦର କାର୍ଯ୍ୟକାରୀ ଅଧକ୍ଷ ବିପ୍ଳବ ଚୌଧୁରୀ ସଭାପତିତ୍ୱ କରିଥିଲେ। ପୁସ୍ତକ ମେଳା ଜାନୁୟାରୀ ୧୫ରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଅପରାହ୍ନ ୧ଟାରୁ ରାତି ୯ଟା ପର୍ଯ୍ୟନ୍ତ କିଣିବାର ସୁଯୋଗ ରହିବ। ପୂର୍ବାହ୍ନ ୧୧ଟାରୁ ପ୍ରତ୍ୟହ ସାହିତ୍ୟ ଆସର, କବିତା ପାଠୋତ୍ସବ, ଓପନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୁସ୍ତକ ମେଳାର ଅନ୍ତିମ ଦିନ ଅର୍ଥାତ ୨୧ ତାରିଖରେ ମୁଖପତ୍ର 'ସ୍ମୃତିପତ୍ର' ଉନ୍ମୋଚନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ପରିଷଦର ଉପାଧକ୍ଷ ଗଣେଶ୍ୱର ମାଣିଆ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ ଆୟବ୍ୟୟର ଅଟକଳ କରିଥିଲେ। ପରିଷଦ ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ସ୍କୁଲ ଓ କଲେଜଗୁଡ଼ିକ କିପରି ଅଧିକ ପୁସ୍ତକ କ୍ରୟ କରିବେ ସେ ସମ୍ପର୍କରେ କହିଥିଲେ। ଶେଷରେ ଉପାଧକ୍ଷ ବିଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ପୁସ୍ତକ ମେଳା ମୁଖପାତ୍ର ସ୍ମୃତି ପତ୍ରର ସମ୍ପାଦକ ମହେନ୍ଦ୍ର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ନରେଶ ଦାସ, କୋଷାଧକ୍ଷ ପ୍ରଶାନ୍ତ ମହାପାତ୍ର, ସୂର୍ଯ୍ୟକାନ୍ତ ଦାସ, ଦୁର୍ଯ୍ୟୋଧନ ମହାରଣା, ବିଜୟ ଲକ୍ଷ୍ମୀ ମହାପାତ୍ର, ହେମନ୍ତ ରଥ, ନଟବର ବାରିକ ପ୍ରମୁଖ ଯୋଗଦେଇଥିଲେ।

**ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ**

- ଜାନୁୟାରୀ ୧୫ରୁ ଆରମ୍ଭ ୨୧ରେ ଶେଷ
- ଅପରାହ୍ନ ୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ

## ସଂକ୍ଷେପରେ

### ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କ ପରଲୋକ



ଖଲ୍ଲିକୋଟ,୨୬ା୧୨(ଡି.ଏନ.ଏ.): ହିଞ୍ଜିଳିକାଟୁ ବ୍ଲକର ପୂର୍ବତନ ଅଧକ୍ଷା ପୁଷ୍ପାଞ୍ଜଳି ପ୍ରଧାନଙ୍କ ସୋମବାର ପୂର୍ବାହ୍ନରେ ମୃତ୍ୟୁ ଘଟିଛି। ସେ ବ୍ଲକ ବିଜେଡ଼ି ସଭାପତି ତଥା ଓଡ଼ିଶା କୃଷି ବିପଣନ ବୋର୍ଡର ପରାମର୍ଶ କମିଟି ସଦସ୍ୟ ସୁରେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ଅଟନ୍ତି। ପୁଷ୍ପାଞ୍ଜଳୀ ୨୦୦୭ରୁ ୨୦୧୭ ପର୍ଯ୍ୟନ୍ତ ୨ଥର ହିଞ୍ଜିଳିକାଟୁ ବ୍ଲକ ଅଧକ୍ଷା ନିର୍ବାଚିତ ହୋଇଥିଲେ। ସୋମବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାରୁ ପରିବାର ଲୋକେ ହିଞ୍ଜିଳିକାଟୁ ଡାକ୍ତରଖାନା ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହି ଖବରପାଇ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ହିଞ୍ଜିଳିକାଟୁ ବିଡ଼ିଓ ସୁବ୍ରତ କୁମାର ଜେନା, ତହସିଲଦାର ପ୍ରଭାତ କୁମାର ପରିଡ଼ା, ଆଇଆଇସି ଅଭିମନ୍ୟୁ ଦାସ ପ୍ରମୁଖଙ୍କ ସହ ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ସରକାରୀ କର୍ମଚାରୀ ଶିକିରି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### ବ୍ଲକସ୍ତରୀୟ ଶିଶୁ ଉତ୍ସବ

ଆର.ଉଦୟଗିରି,୨୬ା୧୨(ଡି.ଏନ.ଏ.): ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟରେ ସୋମବାର ଶିଶୁ ଉତ୍ସବ ପାଳିତ ହୋଇଯାଇଛି। 'ଶିଶୁ ହସିଲେ ଦୁନିଆ ହସେ'ର ବାର୍ତ୍ତା ନେଇ ଅନୁଷ୍ଠାନର କୁନି କୁନି ଛାତ୍ରୀଛାତ୍ରମାନେ ଅତିଥିମାନଙ୍କ ଆଗରେ ସେମାନଙ୍କ କଳା ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କୁମୁଦିନୀ ଗମାଙ୍ଗ, ଆର.ଉଦୟଗିରି ବ୍ଲକ୍ ଉପାଧକ୍ଷା ବିଜୟଲକ୍ଷ୍ମୀ ପଟ୍ଟନାୟକ, ସ୍ଥାନୀୟ ସମିତିସଭ୍ୟ ପୂର୍ଣ୍ଣ ଚନ୍ଦ୍ର ଗମାଙ୍ଗ, ଏମ୍ପି ପ୍ରତିନିଧି ଜଗବନ୍ଧୁ ଦାସଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଓ ରାମଗିରିର ବିଧାୟକ ପ୍ରତିନିଧି ଗୋପାଳ ଦଳାଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସ୍ଥାନୀୟ ସ୍କୁଲର ହିନ୍ଦୀ ଶିକ୍ଷକ। ଛାତ୍ରୀଛାତ୍ରଙ୍କ ଏଭଳି ସମାଜ ପ୍ରତି ବାର୍ତ୍ତା ଦେଖି ଅତିଥିମାନେ ଖୁସି ବ୍ୟକ୍ତି କରି କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ।

### ୮ ବର୍ଷ ପରେ ସଂଯୋଗ ହେଲା ବିଜୁଳି

ବେଗୁନିଆପଡ଼ା,୨୬ା୧୨:କୋଦଳା କିଶୋର ନଗରରେ ବିଜୁଳି ସଂଯୋଗ ହୋଇ ନଥିବାରୁ ସାହି ବାସିନ୍ଦା ଅସନ୍ତୋଷ ପ୍ରକାଶ କରୁଥିଲେ। ସୋମବାର ବିଜୁଳି ସଂଯୋଗ ହେବା ପରେ ସେମାନଙ୍କ ମୁହଁରେ ହସ ଫୁଟିଛି। କିଶୋର ନଗର ସାହି ବାସିନ୍ଦା ୮ ବର୍ଷ ଅନ୍ଧାରରେ ଥିଲେ। ବିଦ୍ୟୁତ୍ ସମସ୍ୟା ନେଇ ସେମାନେ କୋଦଳା ଏନଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକଙ୍କୁ ଜଣାଇଥିଲେ। କୋଦଳା ବିଦ୍ୟୁତ ବିଭାଗର ଅଧିକାରୀମାନଙ୍କ ସହ ଅଧକ୍ଷ ଆଲୋଚନା କରିଥିଲେ। ଅଧକ୍ଷଙ୍କ ହସ୍ତକ୍ଷେପ ପରେ ସୋମବାର ବିଭାଗୀୟ ଅଧିକାରୀମାନେ ଆସି ଉକ୍ତ ସାହିକୁ ବିଦ୍ୟୁତ ସଂଯୋଗ କରିଛନ୍ତି। ବିଜୁଳି ସୁବିଧା ପାଇଥିବାରୁ ସାହିବାସିନ୍ଦା ଅଧକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା

## ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ

ଛତ୍ରପୁର,୨୬ା୧୨(ଡି.ଏନ୍.ଏ)




ଜିଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକମାନେ ତାଲା ପକାଇ ବିକ୍ଷୋଭ କରୁଛନ୍ତି।

ଗଞ୍ଜାମ ସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରି ଶ୍ରମିକ ସଂଗଠନ ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ସୋମବାର ଛତ୍ରପୁରସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ତଥା ଜୟଶ୍ରୀ ଏମ୍ପ୍ଲଇଜ ୟୁନିୟନର ଶ୍ରମିକମାନେ ତାଲା ପକାଇଦେଇଛନ୍ତି। ସୂଚନାଯୋଗ୍ୟ, ଗ୍ରାସୀମ ଇଣ୍ଡଷ୍ଟ୍ରିରେ ଶ୍ରମିକ ୟୁନିୟନ ନିର୍ବାଚନରେ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରମିକ ସଂଗଠନକୁ ଅନୁକମ୍ପା ଦେଖାଇ ଅନ୍ୟ ଏକ ସ୍ୱୀକୃତିପ୍ରାପ୍ତ ୟୁନିୟନ ଜୟଶ୍ରୀ ଏମ୍ପ୍ଲଇଜ ୟୁନିୟନର ୧୫ଜଣ କର୍ମଚାରୀଙ୍କୁ ଜାଣିଶୁଣି ତରବରିଆ ଭାବେ ଜିଲା ଶ୍ରମ ଅଧିକାରୀ ନିର୍ବାଚନରୁ ବାଦ ଦେଇଥିବା ୟୁନିୟନର ସଭାପତି ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଅଭିଯୋଗ କରିଛନ୍ତି। ଏ ନେଇ ସୋମବାର ଏଆଇଟିୟୁସି ନେତା ଏବଂ ଶ୍ରମିକ ସଂଗଠନର କର୍ମକର୍ତ୍ତା ଏବଂ ଶ୍ରମିକମାନେ ଏହାକୁ ବିରୋଧ କରିବା ସହ ନିର୍ବାଚନ ତାରିଖକୁ ତୁରନ୍ତ ବାତିଲ କରିବା ଏବଂ ବାଦ୍ ପଡ଼ିଥିବା ଶ୍ରମିକଙ୍କ ନାମ ତୁରନ୍ତ ଯୋଡିବା ନିମନ୍ତେ ସେମାନେ ଦାବି କରିଛନ୍ତି। ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଫିସ୍ ଭିତରେ ତାଲା ପକାଇ ଦେଇଥିଲେ। ଶ୍ରମ ଅଧିକାରୀଙ୍କ ଏକପାଖିଆ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ମଧ୍ୟ ସେମାନେ ଚରମବାଣୀ ଶୁଣାଇଛନ୍ତି। ନଚେତ ଆଗାମୀ ଦିନରେ ଶ୍ରମିକମାନଙ୍କ ସ୍ୱାର୍ଥ ନିମନ୍ତେ ଏଆଇଟିୟୁସି ପକ୍ଷରୁ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ଆନ୍ଦୋଳନରେ ୟୁନିୟନ ସଭାପତି ଏନ. ନାରାୟଣ ରେଡ୍ଡୀ, କାର୍ଯ୍ୟକାରୀ ସଭାପତି ପ୍ରବୀଣ ଦାଶ, ଉପସଭାପତି ପ୍ରତାପ ବିଶ୍ୱାଳ, ସମ୍ପାଦକ ସୀମାଞ୍ଚଳ ପଳାଇ, ଏଆଇଟୁୟୁସି ନେତା ନୀଳକଣ୍ଠ ଦାଶ, ସିପିଆଇ ଛତ୍ରପୁର ଜୋନାଲ ସମ୍ପାଦକ ଡ଼ି. ଆଦିନାରାୟଣ ରେଡ୍ଡୀ, ଏସ. ତ୍ରିନାଥ ରେଡ୍ଡୀଙ୍କ ସମେତ ବହୁ ଶ୍ରମିକ ସାମିଲ ହୋଇଥିଲେ। ତେବେ ସବୁକିଛି ନିୟମ ମୁତାବକ ହୋଇଥିବା ଶ୍ରମ ଅଧିକାରୀ କହିଛନ୍ତି ।

# ଋଷିକୁଲ୍ୟାରେ ବିଦେଶୀ ପକ୍ଷୀଙ୍କ ସମାଗମ



ଋଷିକୁଲ୍ୟାକୁ ଆସିଥିବା ବିଦେଶୀ ପକ୍ଷୀ ଗୟଳ ହଂସ।

ଗଞ୍ଜାମ,୨୬ା୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଋଷିକୁଲ୍ୟା ନଦୀରେ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଖାଦ୍ୟ ଅନ୍ୱେଷଣରେ ସେମାନେ ଶୀତ ଦିନରେ ହଜାର ହଜାର କିଲୋମିଟର ଅତିକ୍ରମ କରି ଓଡ଼ିଶାର ବିଭିନ୍ନ ଜଳାଶୟକୁ ଆସିଥାନ୍ତି ବୋଲି ଗଞ୍ଜାମର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରବୀନ୍ଦ୍ର ନାଥ ସାହୁ ସୂଚନା ଦେଇଛନ୍ତି। ଏମାନଙ୍କୁ ଗୟଳ ହଂସ ବା ବାର୍ଡ ହେଡେଡ୍ ଗୋଜ ବୋଲି କୁହାଯାଏ। ସବୁଠାରୁ ଅଧିକ ଉଚ୍ଚତା, ଅଧିକ ଦୂରତା ଏବଂ ଦ୍ରୁତ ଗତିରେ ଉଡ଼ିପାରୁଥିବା ଏହି ବିରଳ ପ୍ରଜାତିର ପକ୍ଷୀ ଦଳ ଦଳ ହୋଇ ଋଷିକୁଲ୍ୟା ନଦୀ ଗର୍ଭରେ ଆଶ୍ରୟ ନେଉଥିବା ଓ ଜଳକ୍ରୀଡାର ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଛି। ଏମାନେ ଡିସେମ୍ବରରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଓଡିଶା ଉପକୂଳରେ ଦେଖାଯାଆନ୍ତି।

# ଶୀତକାଳୀନ ଶିବିର ଉଦ୍‌ଘାଟିତ




ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

ନୟାଗଡ଼ ଅଫିସ,୨୬ା୧୨

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ହରିହରପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାରେ ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଛି। ସାତଦିନିଆ ଶୀତକାଳୀନ ଶିବିରକୁ ଜାତୀୟ ସେବା ଯୋଜନା ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ପ୍ରାଧ୍ୟାପକ କେଶବ ଚନ୍ଦ୍ର ରାଉତରାୟ ଉଦ୍‌ଘାଟନ କରିଛନ୍ତି। ଏଥିରେ ଯୁକ୍ତ ୩ ବାଳିକା ବାଳକ ବିଭାଗ ପ୍ରଶିକ୍ଷାର୍ଥୀମାନେ ସାମିଲ ହୋଇଥିଲେ। ପ୍ରାଧ୍ୟାପକ ରାଜକିଶୋର ଓ ଅଧ୍ୟାପିକା ସସ୍ମିତା ନାୟକ ସେବା ଯୋଜନା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଯୋଗାସନ, ପ୍ରାଣାୟାମ, ବୃକ୍ଷରୋପଣ, ବଗିଚା ସଫା ଇତ୍ୟାଦି ଉପରେ ବିବରଣୀ ପ୍ରଦାନ ପୂର୍ବକ ଶିବିରାର୍ଥୀମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଶିବିରାର୍ଥୀମାନଙ୍କୁ ଶୃଙ୍ଖଳା ରକ୍ଷା, ଭାଇଚାରା ଓ ଗ୍ରାମ୍ୟ ପରିବେଶରେ ନିଜକୁ ସାମିଲ କରିବାକୁ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଅଶୋକ କୁମାର ସାହୁ ଉପଦେଶ ଦେଇଛନ୍ତି।

# ଆଦର୍ଶବାଦୀ ୟଙ୍ଗଷ୍ଟାର କ୍ଲବର ଅମୃତ ଉତ୍ସବ

ଭାପୁର,୨୬ା୧୨ (ଡି.ଏନ.ଏ.)




ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଭାପୁର ବ୍ଲକ ବଡସହରା ପଞ୍ଚାୟତ ଆଦର୍ଶବାଦୀ ୟଙ୍ଗଷ୍ଟାର କ୍ଲବ ପକ୍ଷରୁ ଏକାଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଉତ୍ସବ ପାଳନ କରାଯାଇଛି। ସମାଜ ସେବା ଦିଗରେ ନୀରବଚ୍ଛିନ୍ନ ସେବା ଜାରି ରଖିଥିବା ଏହି ଅନୁଷ୍ଠାନ ତାର ସଫଳତାର ଏଗାର ବର୍ଷ ପୂର୍ତ୍ତି ପାଳନ ଅବସରରେ ବହୁ ପ୍ରତିଭାଙ୍କୁ ସମ୍ମାନିତ କରିଛି। ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ବକ୍ତୃତା, ଚିତ୍ରାଙ୍କନ ଓ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବିଚାରକ ଭାବେ ନବକିଶୋର ଜେନା, ସୁରେଶ ମହାରଣା, ଉଦୟନାଥ ଦାଶ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ବୋଲି ବିବେଚନା କରିଥିଲେ। ପରେ ଏହି ଉତ୍ସବର ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ଓଡ଼ିଶା ସରକାରଙ୍କ ଇଲେକଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗର ଅନୁଭବ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ଉପଦେଷ୍ଟା ରମେଶ ଚନ୍ଦ୍ର ବରାଡ, ସମ୍ମାନୀତ ଅତିଥି ଭାବେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ପ୍ରଦୀପ କୁମାର ପାଇକରାୟ, ଜିଲା ଯୁବ ଅଧିକାରୀ ଅନୁରାଗ କୁମାର ଓ ସୁରେଶ ଚନ୍ଦ୍ର ମହାରଣା ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ଅନୁଷ୍ଠାନର ସମ୍ପାଦକ ସତ୍ୟବ୍ରତ ମହାରଣାଙ୍କ ଦ୍ୱାରା ବାର୍ଷିକ ବିବରଣୀ ପଠନ କରାଯାଇଥିଲା। ସମ୍ମାନୀତ ଅତିଥି ଡା. ପାଇକରାୟ ଅନୁଷ୍ଠାନର ସଦସ୍ୟମାନେ କରୋନା ବେଳେ ଆଖି ଦୃଶିଆ ମାସ୍କ ବଣ୍ଟନ କରି ଚର୍ଚ୍ଚାରେ ଥିବା ହେତୁ ସାଧୁବାଦ ଜଣାଇଥିଲେ। ପରେ ଜିଲା ଯୁବ ଅଧିକାରୀ ଅନୁରାଗ କୁମାର ନେହେରୁ ଯୁବା କେନ୍ଦ୍ର ପକ୍ଷରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନା କରୁଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ପରେ ମୁଖ୍ୟ ଅତିଥି ପଟ୍ଟନାୟକ ଅନୁଷ୍ଠାନର ସୁଖଦୁଃଖରେ ସବୁବେଳେ ଅଛନ୍ତି। ଅନୁଷ୍ଠାନର ଯେତେବେଳେ ତାଙ୍କର ସହଯୋଗ ଲୋଡ଼ିବ ସେ ସବୁବେଳେ ପ୍ରସ୍ତୁତ ବୋଲି କହିଥିଲେ। ପରେ ଅତିଥିଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା କେତେଜଣ ବ୍ୟକ୍ତିତ୍ୱ ଓ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା କନ୍ୟା ଭ୍ରୂଣ ହତ୍ୟା ରୋକିବାକୁ ଚକୁଳିଆ ପଣ୍ଡା, ଜଳ ସଂରକ୍ଷଣ ପାଇଁ କୁନି କୁନି ପିଲାଙ୍କ ଦ୍ୱାରା ନାଟକ ଓ ପାଲା ଜରିଆରେ ଆଦର୍ଶବାଦୀ ସଦସ୍ୟମାନଙ୍କ ଦ୍ୱାରା ଏଗାର ବର୍ଷର ଗୁଣ ଗାଥା ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା।

# ପିସିଏମ୍ ମହିଳା କଲେଜ୍‌ରେ କ୍ରୀଡ଼ା ସମାରୋହ

ସୋରଡ଼ା,୨୬ା୧୨(ଡି.ଏନ.ଏ.)

ପିସିଏମ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩ ଦିନିଆ କ୍ରୀଡ଼ା ସମାରୋହ ସୋମବାର ଉଦଘାଟିତ ହୋଇଛି । କ୍ରୀଡ଼ା ଅଧ୍ୟାପିକା ଏଲିଜା ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଏନଏସି ଅଧକ୍ଷ ଶିବଶଙ୍କର ପଣ୍ଡା, ସମ୍ମାନିତ ଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୃତିକୃଷ୍ଣ ପାତ୍ର ଯୋଗଦେଇ ପତାକା ଉତ୍ତୋଳନ ସହ କ୍ରୀଡ଼ା ମଶାଲ ସ୍ଥାପନ କରିଥିଲେ। ପ୍ରଥମେ ଛାତ୍ରୀମାନେ ଘୋଷବାଦ୍ୟ ସହ ସ୍ଥାନୀୟ କଣ୍ଢୁଣୀଦେବୀ ମନ୍ଦିର ଯାଇ ସେଠାରୁ ମଶାଲ ଶୋଭାଯାତ୍ରା ଆଣି ଅତିଥିଙ୍କୁ ପ୍ରଦାନ କରିଥିଲେ। ଅଧ୍ୟାପକ ରୋହିତ ବିଶୋଇ, ରାଜେଶ ପାତ୍ର, ଏଲିଜା ପଟନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ମହେନ୍ଦ୍ର ପାଢୀ, ଗୋପାଳ କୃଷ୍ଣ ଦାସ ସହଯୋଗ କରିଥିଲେ।

# ଦିବ୍ୟଶକ୍ତି କେନ୍ଦ୍ରରେ ବାର୍ଷିକ ଉତ୍ସବ



ଧରାକୋଟ,୨୬ା୧୨ (ଡି.ଏନ୍.ଏ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପରିସରସ୍ଥିତ ଦିବ୍ୟଶକ୍ତି କେନ୍ଦ୍ରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ମୁଖ୍ୟ ଅତିଥି, ବିଜେଡି ଜିଲା ଯୁବ ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, ଖବରଦାତା ବିଷ୍ଣୁ କେଶରୀ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁବାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କେନ୍ଦ୍ର ସଞ୍ଚାଳିକା ଅଙ୍କିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଧାତ୍ମିକ ଜ୍ଞାନ ମନୁଷ୍ୟ ପାଇଁ ନିହାତି ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। କେନ୍ଦ୍ରର ନିର୍ଦ୍ଦେଶକ ରମେଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ରିନା, ସ୍ମୃତି,ସୁଜାତା,ମାନସୀ ,ବିଦ୍ୟାଧର,କାଲୁ ସହଯୋଗ କରିଥିଲେ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଦିବସ

ରମ୍ଭା,୨୬ା୧୨

ସ୍ଥାନୀୟ ନେତାଜୀ ଯୁବ ପରିଷଦ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରମ୍ଭା ଶାଖା ତରଫରୁ ୯୭ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପାର୍ଟିର ପୂର୍ବତନ ନେତା ଓ ଜୋନ୍ ସମ୍ପାଦକ ସାଥି ପୂର୍ଣ୍ଣଚନ୍ଦ୍ର ରଥଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ଶାଖା ସମ୍ପାଦକ ନିରାକାର ବେହେରା, ଶିକ୍ଷକ ନେତା ନାରାୟଣ ନାୟକ, କୃଷକ ନେତା ଜେ. ଭାସ୍କର ପାତ୍ର, ଯୁବନେତା ୧୨ନଂ କାଉନ୍‌ସିଲର କ୍ଷେତ୍ରମୋହନ ବେହେରା, ରଜନୀକାନ୍ତ ବେହେରା, ଏନ. ମାଧବ ରାଓ, ସି. ଅୟାନା ପାତ୍ର, ସଦାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ଲାଲ୍ ଝଣ୍ଡା ଲାଲ୍ ସଲାମ ସ୍ଲୋଗାନ ଦେଇ ପ୍ରତିଷ୍ଠା ଦିବସ ପାଳନ କରିଥିଲେ।

# ଦ୍ୱିତୀୟ କ୍ୱାର୍ଟରରେ ବାଜିମାରିଲା ଟାଉନ କ୍ଲବ

## ଆନ୍ତଃରାଜ୍ୟ ରମ୍ଭା କପ୍ କ୍ରିକେଟ

ରମ୍ଭା,୨୬ା୧୨

ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ଆନ୍ତଃରାଜ୍ୟ ରମ୍ଭା କପ କ୍ରିକେଟ ଚତୁର୍ଥ ଦିନ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଛି। ସୋମବାର ମ୍ୟାଚ ଟାଉନ କ୍ଲବ ଭୁବନେଶ୍ୱର ଟସ୍ ଜିତି ଫିଲଡିଂ କରିଥିବା ବେଳେ ରାମେଶ୍ୱର ସ୍ୱଟିଙ୍ଗ କ୍ଲବ ବ୍ରହ୍ମପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସର୍ବାଧିକ ୧୯ ବଲରେ ୨୮ ରନ ସୋମନାଥ ପ୍ରଧାନ ସଂଗ୍ରହ କରିଥିଲେ। ଏହାର ଜବାବରେ ଭୁବନେଶ୍ୱର ଟାଉନ କ୍ଲବ ୧୮ ଓଭର ୨ ବଲରେ ୬ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାକେଶ କେ. ବାରିକ ୬୫ ରନ ସଂଗ୍ରହ କରି ମ୍ୟାନ ଅଫ ଦା ମ୍ୟାଚ ବିବେଚିତ ହୋଇଥିଲେ। ଭାଷ୍ୟକାର ମହେଶ ମୁଦ୍ରର ଓ ଶ୍ରୀକାନ୍ତ ନାହାକ ରହିଥିବା ବେଳେ ଅମ୍ପାୟାର ରୂପେ ସୀମାଞ୍ଚଳ ବାଡତ୍ୟା ଓ ସନ୍ତୋଷ ସାହାଣୀ ଥିଲେ। ସ୍କୋରର ସତ୍ୟନାରାୟଣ ପରିଡା ରହିଥିଲେ। ଫିଟନେସ ଜିମର ପ୍ରୋପାଇଟର ପ୍ରତାପ ପ୍ରଧାନ ମୁଖ୍ୟ ଅତିଥି, ରମ୍ଭା ଏନଏସି ଉପାଧକ୍ଷ କାଳିଆ ତରେଇ, କ୍ଷେତ୍ର ମୋହନ ବେହେରା, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଉପସଭାପତି ହିମାଂଶୁ ବୈଠାରୁ, ଟୁର୍ନାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ।

# ବକେୟା ପ୍ରାପ୍ୟ ଦାବି କଲେ ଗାଁ ସାଥୀ

ଫୁଲବାଣୀ ଅଫିସ ,୨୬ା୧୨

ଗ୍ରାମାଞ୍ଚଳରେ ଚାଲିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗାଁସାଥୀ (ମେଟ) ସେମାନଙ୍କ ବକେୟା ପ୍ରାପ୍ୟ ଦାବି କରିଛନ୍ତ। ଗାଁ ସାଥୀମାନେ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ତୁଲାଉଛନ୍ତି। ଶ୍ରମିକ ନିୟୋଜିତ କରିବା ଓ ସେମାନଙ୍କ ପ୍ରାପ୍ୟ ଦେବାରେ ଗାଁ ସାଥୀଙ୍କର ମୁଖ୍ୟ ଦାୟିତ୍ୱ ରହିଛି। କିନ୍ତୁ ସେମାନଙ୍କୁ ତାଙ୍କର ପାରିଶ୍ରମିକ ଠିକ ଭାବେ ମିଳୁନାହିଁ। ଏଭଳି ସ୍ଥଳେ ବର୍ତ୍ତମାନ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବନ୍ଦ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଗାଁ ସାଥୀମାନେ ସେମାନଙ୍କ ବକେୟା ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ସେମାନଙ୍କୁ ତାଙ୍କର ପାରିଶ୍ରମିକ ପାଇଁ ଦାବି କରିଛନ୍ତି ଗାଁ ସାଥୀ। ସୋମବାର ଏ ନେଇ ଦାବୀପତ୍ର ଗାଁ ସାଥିଙ୍କ ପକ୍ଷରୁ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗାଁ ସାଥୀ ସଙ୍ଘର ସଭାପତି ସଞ୍ଜୟ କୁମାର ମଳିକ, ସମ୍ପାଦକ ରାକେଶ ନାୟକ କୋଷାଧକ୍ଷ ଅଜିତ ବେହେରା, ସଦସ୍ୟ ବାଳକୃଷ୍ଣ କହଁର, ସନ୍ଦୀପ କୁମାର ବେହେରା, ରାଜେଶ ବିନ୍ଧାଣିଙ୍କ ସମେତ ଅନେକ ପଂଚାୟତର ମେଟ ଦାବୀପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ




ବୈଠକରେ ଉପସ୍ଥିତ ଗୁରୁ ଓ ପ୍ରାକ୍ତନ ଛାତ୍ରୀଛାତ୍ର।

## ପିପୁଲ୍ଲ କଲେଜ

ବୁଗୁଡ଼ା,୨୬ା୧୨(ଡି.ଏନ.ଏ.)

ବୁଗୁଡା ପିପୁଲ୍ଲ କଲେଜର ୧୯୯୨-୯୪ ବ୍ୟାଚ ଯୁକ୍ତ ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମା ସଙ୍କୁଳାଇ ପୀଠ କଲ୍ୟାଣ ମଣ୍ଡପ ଠାରେ ବନ୍ଧୁ ମିଳନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପୀତାମ୍ବର ଗୌଡଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପିପୁଲ୍ଲ କଲେଜ ଅଧକ୍ଷ ରଜନୀ କାନ୍ତ ଦାଶ, ଅଧ୍ୟାପକ ହରିକୃଷ୍ଣ ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ମହାପାତ୍ର, ବୃନ୍ଦାବନ ନାୟକ, ଅଧ୍ୟାପିକା ସୁଚିତ୍ରା ପଟ୍ଟନାୟକ, ଅବସରପ୍ରାପ୍ତ ଡେମୋନଷ୍ଟ୍ରେଟର୍ ଭଗବାନ ସ୍ୱାଇଁ ଓ ବଜେନ୍ଦ୍ର ଉପାଧ୍ୟାୟ, ନରହରି ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ଛାତ୍ର ସଂଘର ଆବାହକ କୁଞ୍ଜ ବିହାରୀ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପାଦିକା ସୁନୀତା ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ନିଜ ପରିଚୟ ଦେବା ସହ ପଢ଼ା ବେଳର ଅନୁଭୂତି ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଛାତ୍ରୀଛାତ୍ରମାନେ ନିମନ୍ତ୍ରିତ ଗୁରୁମାନଙ୍କୁ ମାନପତ୍ର, ଉପଢୌକନ ଓ ଉପହାର ପ୍ରଦାନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଗୁରୁମାନେ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ଉତ୍ତୋରତର ଉନ୍ନତି କାମନା କରିଥିଲେ। ପ୍ରାକ୍ତନ ଛାତ୍ର ସଂଘ ପକ୍ଷରୁ ମୋ କଲେଜ ଅଭିଯାନ ପାଣ୍ଠିର ଅଭିବୃଦ୍ଧିରେ ସହାୟତା ପ୍ରଦାନ ଘୋଷଣା କରାଯାଇଥିଲା। ପ୍ରାକ୍ତନ ଛାତ୍ର ସୁରେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ପ୍ରତିଷ୍ଠା ଦିବସ

ଆସିକା,୨୬ା୧୨(ଡି.ଏନ.ଏ.)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସୋମବାର ସ୍ଥାନୀୟ କଳିଙ୍ଗା ରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଜେଡି ପ୍ରତିଷ୍ଠା ରୌପ୍ୟ ଜୟନ୍ତୀ ପାଳନ କରାଯାଇଛି। ଗଂଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଭଗବାନ ସାହୁ, ଦିଲୀପ ପାଣିଗ୍ରାହୀ, ମନୋଜ ଦୋରା, ଅଭିମନ୍ୟୁ ନାହାକ, ରାଜେଶ ପଟ୍ଟନାୟକଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ । ସେହିପରି ଆସିକା ଏନଏସି ଅଧକ୍ଷା ବିନେତା ସ୍ୱାଇଁ ଓ ନଗର ଯୁବ ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ଏନଏସିର ବିଭିନ୍ନ ୱାର୍ଡ କାଉନସିଲର ବିଜୁ ପଟ୍ଟନାୟକ ଛକ ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଆସିକା ଡାକ୍ତରଖାନା ଓ ବାବନପୁର ସ୍ଥିତ କୁଷ୍ଠ ଚିକିତ୍ସାଳୟରେ ଚିକିତ୍ସାଧୀ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

# ମୋ ସ୍କୁଲ ଅଭିଯାନରେ ଅନାଥ ଆଶ୍ରମ ପାଇଁ ପ୍ରସ୍ତୁତି

ନୟାଗଡ଼ ଅଫିସ,୨୬ା୧୨



ପୁରାତନ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ସରକାରୀ ସ୍କୁଲରେ ମୋ ସ୍କୁଲ ଅଭିଯାନ ଚାଲୁ ରହିଥିବା ବେଳେ ନୟାଗଡ଼ର ଏକ ବେସରକାରୀ ସ୍କୁଲରେ ମୋ ସ୍କୁଲ ଅଭିଯାନରେ ଅନାଥ ଆଶ୍ରମ ଖୋଲିବାକୁ ଯାଉଛି। ନୟାଗଡ଼ ସହରର ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ପୁରାତନ ଛାତ୍ରୀଛାତ୍ରମାନେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମକୁ ନିଆରା ଢଙ୍ଗରେ ଆରମ୍ଭ କରିବାକୁ ଯାଉଛନ୍ତି। ବିଦ୍ୟାଳୟ ପରିସରରେ ଏକ ଅନାଥ ଆଶ୍ରମ ଗଢିବାକୁ ସଂକଳ୍ପ ନେଇଛନ୍ତି। ସୋମବାର ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କର ଅନାଥ ଆଶ୍ରମ ଗଢିବାର ସଂକଳ୍ପକୁ ଭୂୟସୀ ପ୍ରସଂଶା କରିଥିଲେ। ପୁରାତନ ଛାତ୍ରୀଛାତ୍ର କାର୍ଯ୍ୟକୁ ଦେଖିଲେ ସେମାନଙ୍କର ବୌଦ୍ଧିକ ବିକାଶ ଦିଗରେ ବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଅନୁଭବ ହେଉଛି ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରସନ୍ନ କୁମାର ବସନ୍ତିଆ ଯୋଗ ଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ବଳରାମ ସାହୁ ସ୍ୱାଗତ ଭାଷଣ ଓ ବିଦ୍ୟା ବିଜିତା, ବର୍ଷା ପ୍ରିୟଦର୍ଶିନୀ ଓ ଅନିଷା ପ୍ରିୟଦର୍ଶିନୀ ସ୍କୁଲ ଉପରେ ଅଭିମତ ରଖିଥିଲେ। ପାର୍ଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଶ୍ରମଶକ୍ତି ସ୍କୁଲ ପ୍ରଥମ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ

କାଳିଆପାଣି,୨୬ା୧୨(ଡି.ଏନ.ଏ.): ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଶ୍ରମଶକ୍ତି ଉଚ୍ଚ ବିଦ୍ୟାଳୟର ପ୍ରଥମ ବ୍ୟାଚ୍ ଛାତ୍ରମାନଙ୍କ ବଣଭୋଜି ସହ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବଡ ଦିନ ଅବସରରେ ରଗଦା ଡ୍ୟାମଠାରେ ଅନୁଷ୍ଠିତ ହୋଇଯାଇଛି । ବହୁ ଛାତ୍ରୀଛାତ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ରହିବା ସହ ଅଧିକାଂଶ ରାଜ୍ୟ ବାହାରେ ରହି ଜୀବିକା ନିର୍ବାହ କରୁଛନ୍ତି । ଫଳରେ ସେମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପାରି ନ ଥିଲେ । ମଙ୍ଗଲ ସିଂ ହେମ୍ବ୍ରମଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧ୍ରୁବଚରଣ ମହାନ୍ତ, ଧନୁ ମହାନ୍ତ, ଅଶୋକ ନାଥ, ଜଗବନ୍ଧୁ ମହାନ୍ତ, ବିଶ୍ୱମ୍ଭର ମହାନ୍ତ, ଅନନ୍ତ ଚରଣ ମହାନ୍ତ ପ୍ରମୁଖ ପୁରାତନ ଛାତ୍ର ୪୦ ବର୍ଷ ପରେ ଏକାଠି ହେଇଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ଏହି ସ୍କୁଲର ନାମ ଭୀମଟାଙ୍ଗର ଏସ୍‌ସିଏମ୍ ହାଇସ୍କୁଲ ଥିଲା ।

### ଅପହୃତ ୨ ନାବାଳିକା ଉଦ୍ଧାର

ଭଣ୍ଡାରିପୋଖରୀ,୨୬ା୧୨(ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରହଣିଆ ଅଞ୍ଚଳରୁ ଅପହୃତ ହୋଇଥିବା ୨ ନାବାଳିକାଙ୍କୁ ପୋଲିସ ସୋମବାର ଉଦ୍ଧାର କରିଛି। ଏଥିସହ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଦୁଇ ନାବାଳିକା ଦୁଇମାସରୁ ଉର୍ଦ୍ଧ୍ୱ ହେଲା ପ୍ରେମଜନିତ କାରଣରୁ ଅପହରଣର ଶିକାର ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଓ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳର ଅନ୍ୟ ଜଣେ ଯୁବକ ସେମାନଙ୍କୁ ଅପହରଣ କରିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମୋବାଇଲ ଟ୍ରାକିଂରୁ ଅପହୃତ ଦୁଇ ନାବାଳିକା କେରଳ ଓ ଆନ୍ଧ୍ରପ୍ରଦେଶରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ଥାନା ଅଧିକାରୀ ଅମିତାଭ ଦାସଙ୍କ ନେତୃତ୍ୱରେ ଦୁଇଟି ଟିମ୍ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲା।

# 'ପୁସ୍ତକ ମାଧମରେ ନୂତନ ଜାଗରଣ, ବିପ୍ଳବ ଆଣିହୁଏ'

**ଯାଜପୁର ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା**


ପୁସ୍ତକମେଳାରେ 'ଶ୍ରୀକୃଷ୍ଣଙ୍କ ଦ୍ୱାରିକା ଲୀଳାମୃତ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

ଯାଜପୁର ଟାଉନ,୨୬ା୧୨(ଡି.ଏନ.ଏ.)

ଅନନ୍ୟା ସାହିତ୍ୟ ସଂସଦ ଓ ଯାଜପୁର ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଦ୍ୱାଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି । ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ରାଜ୍ୟସଭା ସଦସ୍ୟ ଡ. ରାମଚନ୍ଦ୍ର ଖୁଣ୍ଟିଆ ମା' ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ.ଖୁଣ୍ଟିଆ କହିଲେ, ପୁସ୍ତକ ମାଧମରେ ନୂତନ ଜାଗରଣ ଓ ବିପ୍ଳବ ଆଣିହୁଏ। ପୁସ୍ତକ ମନୁଷ୍ୟର ଜୀବନର ଗତିପଥ ବଦଳାଇଦେଇଥାଏ। ପୁସ୍ତକ କାଳ କାଳ ଧରି ଯଶସ୍ୱୀ ଲେଖକ , କବି ଓ ପ୍ରାବନ୍ଧିକଙ୍କ ସ୍ମୃତିକୁ ଉଦ୍‌ଜୀବିତ କରିରଖେ। ପୁସ୍ତକ ମେଳା ଛାତ୍ରୀଛାତ୍ର, ଯୁବତୀ ଯୁବକ, ବୃଦ୍ଧାବୃଦ୍ଧଙ୍କ ଆବଶ୍ୟକତା ପୂରଣ କରିଥାଏ । ମୁଖ୍ୟବକ୍ତାଭାବେ ଓଡ଼ିଶା ଭାଷା, ସାହିତ୍ୟ ଗବେଷଣା ଅଧିଷ୍ଠାନର ସଚିବ ଡ. ସୁବ୍ରତ କୁମାର ପୃଷ୍ଟି ଯୋଗଦେଇ ପୁସ୍ତକ ଚିର ଯୌବନା ଓ ଭଲ ପୁସ୍ତକଟିଏ ଯେତେ ପଢ଼ିଲେ ମଧ ପୁରୁଣା ଲାଗେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶିବାଶିଷ ମହାରଣା ଯୋଗଦେଇ କବି ଓ ପ୍ରାବନ୍ଧିକ ନିଜର ଚିନ୍ତା ଓ ଚେତନାକୁ ପୁସ୍ତକ ମାଧମରେ ପ୍ରକାଶ କରିଥାଏ। ପୁସ୍ତକ ନ ଥିଲେ ପୃଥିବୀର ବଡ଼ ବଡ଼ ଦାର୍ଶନିକ ଓ ବୈଜ୍ଞାନିକ ପ୍ରାବନ୍ଧିକଙ୍କୁ ଆଜି କେହି ବି ଚିହ୍ନି ପାରି ନ ଥାନ୍ତେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ବିରଜା ଜ୍ୟୋତିର ସମ୍ପାଦକ ଡ. ଜ୍ଞାନରଞ୍ଜନ ପତି ପୁସ୍ତକର ବିକଳ୍ପ ନାହିଁ, ପୁସ୍ତକ ମଣିଷ୍ୟକୁ ସତ୍ ମାର୍ଗରେ ପରିଚାଳିତ କରିବା ପାଇଁ ପ୍ରେରଣା କରିଥାଏ ବୋଲି ପ୍ରକାଶ କରିଥିଲେ। ସଙ୍ଗଠନର ସମ୍ପାଦକ ହୃଷୀକେଶ ପତି ସ୍ତୋତ୍ରପାଠ କରିଥିବା ବେଳେ ଉପ-ସଭାପତି ବିଭୂତି ଭୂଷଣ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟକ୍ଷ ଅଶୋକ କୁମାର ଦାସ ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ କାହ୍ନୁ ଚରଣ ମିଶ୍ର ପୁସ୍ତକ ମେଳା ସମ୍ବନ୍ଧରେ ବିଭିନ୍ନ ଦିଗରେ ଆଲୋଚନା କରିବା ସହ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆହ୍ୱାନ ନାଟ୍ୟସଂସ୍ଥା ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ନାଟ୍ୟକାର ବିଶ୍ୱଜିତ୍ ସାହୁ ଓ ତାଙ୍କ ସାଥୀମାନେ ଗାନ କରିଥିଲେ। ଡିଏଭି ଡ୍ୟାନ୍ସ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ସାଂସ୍କୃତିକ ବିଚିତ୍ରା ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। କବି ପ୍ରଫୁଲ୍ଲ କୁମାର ସାହୁଙ୍କ ରଚିତ 'ଶ୍ରୀକୃଷ୍ଣଙ୍କ ଦ୍ୱାରିକା ଲୀଳାମୃତ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁକ୍ତ କୁଇଜ୍‌କୁ ସୁବାସ ଚନ୍ଦ୍ର ମହାପାତ୍ର, ବିନୋଦ ଚନ୍ଦ୍ର ନାୟକ ପ୍ରମୁଖ ସଞ୍ଚାଳନ କରିଥିଲେ। ଗଣମାଧ୍ୟମର ସଂଯୋଜକ ଆଦିତ୍ୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସୋମବାର ଧର୍ମଶାଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ୧୦କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଚଣ୍ଡିଖୋଲ,୨୬ା୧୨(ଡି.ଏନ.ଏ.)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ପାଟଣା ଗ୍ରାମର ଏକ ଗ୍ରାମୀଣ ପାର୍କ ନିକଟରୁ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ଯାଜପୁର ଏସ୍‌ପିଙ୍କ ସ୍ୱତନ୍ତ୍ର ଟିମ୍ ଚଢାଉ କରି ସମ୍ପୃକ୍ତ ବ୍ୟବସାୟୀଙ୍କ ଘରୁ ସୋମବାର ୧୦କିଲୋ ୫ଶହ ଗ୍ରାମ ଗଞ୍ଜେଇ ଜବତ କରିଛି । ସମ୍ପୃକ୍ତ ଗଞ୍ଜେଇ ବ୍ୟବସାୟୀ ହେଲେ ନାନପୁର ପାଟଣା ଗ୍ରାମର ଶିବ ପ୍ରସାଦ ବଳ । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୪୩୨/୨୨) ରୁଜୁ ହୋଇଛି।

ପୋଲିସର ସୂଚନା ଅନୁଯାୟୀ ଶିବ ଗତ କିଛି ବର୍ଷ ହେବ ବାଲିଚନ୍ଦ୍ରପୁର ଓ ଏହାର ଆଖପାଖ ଅଞ୍ଚଳରେ ଗଞ୍ଜେଇ ବ୍ୟବସାୟ କରି ଆସୁଥିଲା । ସେ ନାନପୁର ପାଟଣା ଗ୍ରାମର ଗ୍ରାମୀଣ ପାର୍କ ନିକଟରେ ଏକ ଚାଳ ଘର କରି ସେଠାରେ ଗଞ୍ଜେଇ ଗଚ୍ଛିତ ରଖିଥିଲେ । ମାହାଙ୍ଗା ଓ ବଡ଼ଚଣାର କେତେକ ସ୍ଥାନକୁ ସେ ଗଞ୍ଜେଇ ଚୋରା ଚାଲାଣ କରି ଆସୁଥିଲେ । କୌଣସି ସୂତ୍ରରୁ ଖବର ପାଇ ଯାଜପୁର ଏସ୍‌ପି ରାହୁଲ ପି ଆର ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସୋମବାର ଶିବ ଗଞ୍ଜେଇ ଆଣି ରଖୁଥିବା ସମୟରେ ସେଠାରେ ଚଢାଉ କରାଯାଇଥିଲା । ବାଲିଚନ୍ଦ୍ରପୁର ଥାନା ଏସ୍‌ଆଇ ଗୋବର୍ଦ୍ଧନ ନାୟକଙ୍କ ଲିଖିତ ଏତଲା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରାଯିବା ସହିତ ଶିବଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା ବୋଲି ଥାନାଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି ।

# ପର୍ଯ୍ୟଟନ ବିଭବର ବିକାଶ ଉପରେ ଗୁରୁତ୍ୱାରୋପ

**ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ**

ଚଣ୍ଡିଖୋଲ,୨୬ା୧୨(ଡି.ଏନ.ଏ.)

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ୧୮୭ ତମ ବ୍ରହ୍ମଲୀନ ଦିବସ ଅବସରରେ ପାଳିତ ହେବ ଓଲାଶୁଣୀ ଗୁମ୍ଫା ମେଳା । ଆସନ୍ତା ଜାନୁୟାରୀ ୧୮ରୁ ଏହି ମେଳା ଆରମ୍ଭ ହେଉ ଥିଲା ବେଳେ ସେଦିନ ଓଲାଶୁଣି ପାହାଡ଼ର ଶୀର୍ଷ ଦେଶରେ ଗୁମ୍ଫା ମହୋତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମା'ଓଲାଶୁଣୀଙ୍କ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେଶନ ତରଫରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ । ଓଲାଶୁଣୀ ପୀଠ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଅଟେ । ଏହାର ପର୍ଯ୍ୟଟନ ବିଭବର ବିକାଶ ତଥା ଧର୍ମ , ସଂସ୍କୃତି ଓ ମହାପୁରୁଷଙ୍କ ବାର୍ତ୍ତା ପ୍ରଚାର ପ୍ରସାର କ୍ଷେତ୍ରରେ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା । ଓଲାଶୁଣୀ ମହୋତ୍ସବ ଗୁମ୍ଫା ଉନ୍ନୟନ ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ ସବିଶେଷ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସାଧୁ ସନ୍ଥମାନଙ୍କୁ ସମ୍ବର୍ଦ୍ଧନା, ସାହିତ୍ୟ ଉତ୍ସବ ଓ ପୁସ୍ତକ ସଙ୍କଳନ ପ୍ରକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିଥିମାନଙ୍କୁ ନିମନ୍ତ୍ରଣ , ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମ୍ପର୍କରେ ମତ ମତ ପ୍ରକାଶ ପାଇଥିଲା । ଏଥିରେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତିର ଆବାହକ ମହେଶ୍ୱର ବଳ, ଡେରାବିଶ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ଟ୍ରଷ୍ଟର ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ , ବିଜୟ କୁମାର ତ୍ରିପାଠୀ, କିଶୋର ଚନ୍ଦ୍ର ଦାସ, ଅଲେଖ ଚନ୍ଦ୍ର ସାମଲ, ବସନ୍ତ ରାଜ ସାମଲ, ଉମେଶ ଚନ୍ଦ୍ର ସାମଲ, ଶ୍ରୀକାନ୍ତ କୁମାର ସାମଲ, ପ୍ରଫୁଲ୍ଲ କୁମାର ପଣ୍ଡା, ଏକାଦଶୀ ସେଠୀ, ସୁମନ୍ତ କୁମାର ଭୂୟାଁ, ଉତ୍କଳ କେଶରୀ ସାମଲ , ଆଲୋକ ପ୍ରଧାନ,ଶୈଳେନ୍ଦ୍ର ରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ୟାସନଗର ଭାଜପା ପକ୍ଷରୁ ସତ୍ୟାଗ୍ରହ


ବ୍ୟାସନଗର ଭାଜପା ପକ୍ଷରୁ ଆୟୋଜିତ ସତ୍ୟାଗ୍ରହରେ ସାମିଲ ନେତା ଓ କର୍ମୀ ।

କଳିଙ୍ଗନଗର,୨୬ା୧୨(ଡି.ଏନ୍.ଏ.)

ସୋମବାର ବ୍ୟାସନଗରଠାରେ ଭାଜପା ପକ୍ଷରୁ ସତ୍ୟାଗ୍ରହ କରାଯାଇଛି। ଓଡ଼ିଶାରେ ବିଜୁ ଜନତା ଦଳର ଦୀର୍ଘ ୨୩ ବର୍ଷ ଶାସନରେ ନେତାଙ୍କ ଅପରାଧ ଚିନ୍ତାର କାରଣ ହୋଇଛି । ଓଡ଼ିଶା ରାଜନୀତିର ଅପରାଧୀକରଣ ବିରୋଧରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସାରା ରାଜ୍ୟରେ ସତ୍ୟାଗ୍ରହ ଅନୁଷ୍ଠିତ କରାଯାଉଛି । ଏହି ଅବସରରେ ବ୍ୟାସନଗରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଭାଜପା ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସଙ୍କ ନେତୃତ୍ୱରେ ସତ୍ୟାଗ୍ରହ କରାଯାଇଥିଲା । ଏଥିରେ କୋରେଇ ଭାଜପାର ଇଂ. ଆଲେକଜାଣ୍ଡର ଦାସ, ପୂର୍ବତନ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଲିକ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଘଡେଇ, ଉପସଭାପତି ମନୋଜ ଦାସ,ଅରୁଣ ଦାସ, ସାଧାରଣ ସମ୍ପାଦକ ପ୍ରଶାନ୍ତ ଚେତାଇ , ଗଣେଶ ମାଝି, ତାରିଣୀ ଦାସ, ୧୩ନଂ. ୱାର୍ଡ କାଉନସିଲର ବୁଦୁନି ଦାରାଇ, ରମେଶ ରାଉତ, ବଷ୍ଟି ମାଲିକ, ସୁଶାନ୍ତ ସାହୁ, ଜୟକୃଷ୍ଣ ସାହୁଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଦିବସ

ଯାଜପୁର ଟାଉନ,୨୬ା୧୨(ଡି.ଏନ.ଏ.)

କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଦିବସ ଯାଜପୁର ଆଞ୍ଚଳିକ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟ ମଙ୍ଗଳପୁରଠାରେ ପାଳିତ ହୋଇଯାଇଛି। କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ସାଥୀ ନବକିଶୋର ବେହେରା ପତକା ଉତ୍ତୋଳନ କରି ଦଳୀୟ ସଙ୍ଗୀତ ଗାନ କରିଥିଲେ। ଦୁର୍ଯ୍ୟୋଧନ ବାରିକଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବ ସାଥୀମାନଙ୍କ ସ୍ୱାଧୀନତା ସଂଗ୍ରାମରେ ତ୍ୟାଗ ଓ ବଳିଦାନ ଅତୁଳନୀୟ, ସ୍ୱାଧୀନତା ଆନ୍ଦୋଳନକୁ ଦିଗ୍‌ଦର୍ଶନ ଦେବା, ଶ୍ରମିକ ଆନ୍ଦୋଳନ, କୃଷକ ଆନ୍ଦୋଳନ ଓ ଗଡ଼ଜାତ ଆନ୍ଦୋଳନରେ ପାର୍ଟି ନେତୃତ୍ୱମାନେ ଆଗ୍ରଗାମୀ ଭୂମିକା ଗ୍ରହଣ କରିବା, ରାଷ୍ଟ୍ରାୟତ ଶିଳ୍ପ ସଂସ୍ଥାନ ଗଠନ, ରାଜା ରାଜୁଡ଼ାଙ୍କ ହାତପାଣ୍ଠି ଉଚ୍ଛେଦ କରିବା ପାଇଁ ସକ୍ରିୟ ଆନ୍ଦୋଳନ ଗଢ଼ିତୋଳି ଭାରତ ବର୍ଷର ଗରିବ ଜନସାଧାରଣଙ୍କ ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ କମ୍ୟୁନିଷ୍ଟ ପାର୍ଟି ଅଗ୍ରଭୂମିକା ଗ୍ରହଣ କରିଆସୁଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନାଚକ୍ରରେ ପୂର୍ବତନ ଜିଲା ସମ୍ପାଦକ ଜଗନ୍ନାଥ ଦାସ, ରାଜ୍ୟ କମିଟି ସଭ୍ୟ ମଳୟ କୁମାର ପଣ୍ଡା, ଜିଲା ସହସମ୍ପାଦକ ଅଭୟ କୁମାର ପଣ୍ଡା, ଆଞ୍ଚଳିକ କମିଟି ସହ ସମ୍ପାଦକ ଏସ. ଶତପଥୀ, ଯୁବକ ସଂଘର ଜିଲା ସଭାପତି ସୁରେନ୍ଦ୍ର ମଲ୍ଲିକ, ଆଞ୍ଚଳିକ କମିଟିର ସଦସ୍ୟ ବିଜୟ କୁମାର ନାୟକ, ବରିଷ୍ଠ ସାଥୀ ବିଷ୍ଣୁଚରଣ ଦାସଙ୍କ ସମେତ ବହୁ ସାଥୀ ଯୋଗଦେଇଥିଲେ ।


କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଦିବସ ସଭାରେ ମଞ୍ଚାସୀନ ଦଳୀୟ କର୍ମକର୍ତ୍ତା ।

# ସମୀରଙ୍କ ସ୍ମୃତିରେ ମହମବତି ଶୋଭାଯାତ୍ରା


ମହମବତି ଶୋଭାଯାତ୍ରାରେ ସାମିଲ ସମୀରଙ୍କ ସାଙ୍ଗମାନେ ।

ରସୁଲପୁର,୨୬ା୧୨(ଡି.ଏନ.ଏ.)

କୁଆଖିଆ ଥାନା ଅନ୍ତର୍ଗତ ଚଣ୍ଡିପୁର ଗ୍ରାମର ଯୁବ ଭଲି ଖେଳାଳି ଗୁଡୁ ଓରଫ ସମୀର ରାଉତଙ୍କ ଶନିବାର ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁ ଖବର ସମଗ୍ର କୁଆଖିଆ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଏହି ଅବସରରେ ମୃତ ଯୁବକର ସହପାଠୀ, ସାଙ୍ଗସାଥୀମାନଙ୍କ ପକ୍ଷରୁ କୁଆଖିଆ ବାଜର ଅଞ୍ଚଳରେ ଏକ ମହମବତୀ ଶୋଭାଯାତ୍ରା ଆୟୋଜନ କରାଯାଇଛି। ସୋମବାର ସନ୍ଧ୍ୟାରେ ସାଥୀମାନେ ମହମବତୀ ଜଳାଇ ନୀରବ ଶୋଭାଯାତ୍ରା ଜରିଆରେ ବଜାର ପରିକ୍ରମା କରି ଶୋକବ୍ୟକ୍ତ କରିଥିଲେ । ଉକ୍ତ ଶୋଭାଯାତ୍ରା ପାଳସାହି ଚଣ୍ଡି ମନ୍ଦିରରୁ ବାହାରି କୁଆଖିଆ ବଜାରର ମଧୁବନ ରୋଡ, ୧୬ନଂ. ଜାତୀୟ ରାଜପଥ ଉପର ଦେଇ ନତିପୁର, ପାଳସାହି, ଚଣ୍ଡିପୁର ଆଦି ଗାଁ ପରିକ୍ରମା କରିଥିଲା। ସତ୍ୟ ନାରାୟଣ ସାହୁ, ଶିଶିର ପଣ୍ଡା, ଆଶିଷ ମହାନ୍ତି, ଦୀପକ ଦଳେଇ, ଚନ୍ଦ୍ରକାନ୍ତ ରାଉତ, ବିଶ୍ୱଜିତ୍ କର, ପ୍ରକାଶ ବେହେରା, ସମରଜିତ୍ ଗାରେଡିଆ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ସ୍ୱର୍ଣ୍ଣ ପଦକ ବିଜୟିନୀ ସଂଘମିତ୍ରାଙ୍କୁ ସମ୍ବର୍ଦ୍ଧନା

**ଓଡ଼ିଆ ଭାଷା ସାହିତ୍ୟରେ ଟପ୍ପର**

ରସୁଲପୁର,୨୬ା୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡିଶୋ ପଞ୍ଚାୟତ ମାନପୁର ଗ୍ରାମର ପରିବା ବ୍ୟବସାୟୀ ନାରାୟଣ ପଣ୍ଡାଙ୍କ ବଡ ଝିଅ ସଂଘମିତ୍ରା ପଣ୍ଡା ଓଡିଆ ଭାଷା ସାହିତ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି । ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ସମାବର୍ତ୍ତନ ଉତ୍ସବ ଜରିଆରେ ତାଙ୍କୁ ରାଜ୍ୟପାଳ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସଂଘମିତ୍ରାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ଅବସରରେ ଗୀତା ପ୍ରଚାରଣୀ ସମିତି,ଯାଜପୁର ପକ୍ଷରୁ ସଫଳ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମିତି ପକ୍ଷରୁ ସଭାପତି ଗୋଲକ ବିହାରୀ ରାଉତ, ସଂଯୋଜକ ବିଭୁତି ଭୂଷଣ ପଣ୍ଡା, ଯାଜପୁର ବ୍ଲକ ରୋଟାରୀ ବ୍ଲକ ସମ୍ପାଦକ ମନୋଜ ବାରିକ, ଗଗନ ବିହାରୀ ଦାସ ପ୍ରମୁଖ ଯୋଗଦେଇ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ଓଡିଶୋ ପଞ୍ଚାୟତ ପକ୍ଷରୁ ସଂଘମିତ୍ରାଙ୍କୁ ସମ୍ମାନିତ କରାଯାଇଛି । ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ନାୟକ, ରବି ଦାସ, କରୁଣାକର ସାମଲ, ବାଇଧର ନାୟକ, ପ୍ରଫୁଲ ପରିଡା, ବିଶ୍ୱଜିତ୍ ରାଉତ, ଆଲୋକ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ସମ୍ମାନିତ କରିବା ସହ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏଥିସହ କଲଣ କଲେଜର ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ମିଶ୍ର ସଫଳ ବିଦ୍ୟାର୍ଥୀଙ୍କୁ ଫୋନ ଯୋଗେ ଅଭିନନ୍ଦନ ଜଣାଇଥିଲେ ।


ସଂଘମିତ୍ରାଙ୍କୁ ଗୀତା ପ୍ରଚାରଣୀ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

# ଡିଭାଇଡର ଭାଙ୍ଗି ପେଟ୍ରୋଲ ପମ୍ପକୁ ରାସ୍ତା

- ଜାତୀୟ ରାଜପଥ ପ୍ରାଧିକରଣର ଅନୁମତି ନାହିଁ
- ହାତୀ ଚଲାପଥ ନିକଟ, କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦୁଝର,୨୬ା୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ପିପିଳିଆ ନିକଟରେ ଏନ୍‌ଏଚ୍ ୨୦ କଡ଼ରେ ଥିବା ଏକ ପେଟ୍ରୋଲ ପମ୍ପକୁ ଗାଡ଼ି ଚଳାଚଳ ପାଇଁ ଜାତୀୟ ରାଜପର ୨୦ର ମେଡିଆନ (ଡିଭାଇଡର)କୁ ଭାଙ୍ଗି ଦିଆଯାଇଛି। ଏହା ଦ୍ୱାରା ଜାତୀୟ ରାଜପଥର ଲକ୍ଷାଧିକ ଟଙ୍କା କ୍ଷତି ହୋଇଥିବା ବେଳେ ଦୁର୍ଘଟଣା ଘଟିବା ସମ୍ଭାବନା ଦେଖାଦେଇଛି। ଜାତୀୟ ରାଜପଥ ପ୍ରାଧିକରଣର ବିନା ଅନୁମତିରେ ଓ ବେଆଇନ ଭାବରେ ଏଭଳି ମେଡିଆନ ଭଙ୍ଗା ଯିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ରାସ୍ତା ଭାଙ୍ଗି ଜାତୀୟ ସମ୍ପତ୍ତି ନଷ୍ଟ କରାଯାଇଥିବାରୁ ଫୌଜଦାରୀ ମାମଲା ରୁଜୁ କରିବା ସହ ଜରିମାନା ଆଦାୟ କରିବାକୁ ଦାବି ହେଉଛି।

ପ୍ରକାଶ ଯେ, ଅସମ୍ପୂର୍ଣ୍ଣ ଓ ତ୍ରୁଟିପୂର୍ଣ୍ଣ ଏନ୍‌ଏଚ ୨୦ ଯୋଗୁ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଏଭଳି ପରିସ୍ଥିତିରେ ବିନା ଜାତୀୟ ରାଜପଥ ପ୍ରାଧିକରଣ ଅନୁମୋଦିରେ ପାଖାପାଖି ୧୦୦ ମିଟର ଡିଭାଇଡରକୁ ଭଙ୍ଗାଯାଇଛି। ଘଟଣା ରାସ୍ତାରେ ଯାତାୟାତ କରୁଥିବା ଏନ୍‌ଏଚ୍‌ଏଆଇର ପାଟ୍ରୋଲିଂ ଗାଡ଼ି ଜାଣି ମଧ୍ୟ ଚୁପ ରହିବା ସନ୍ଦେହକୁ ଅଧିକ ଘନିଭୂତ କରୁଛି। ଅନ୍ୟପକ୍ଷେ ଉକ୍ତ ସ୍ଥାନ ନିକଟରେ ହାତୀମାନଙ୍କର ଏକ ଚଲାପଥ ରହିଥିବାରୁ ବନ ବିଭାଗ ପକ୍ଷରୁ ସତର୍କ ଫଳକ ଲଗାଯାଇଛି। ଏହା ସତ୍ତ୍ୱେ ଉକ୍ତ ପମ୍ପକୁ ଅନୁମତି ଦିଆଯାଇଥିବାରୁ ପୂର୍ବରୁ ମଧ ବିବାଦ ଦେଖାଦେଇଥିଲା। ଏବେ ଏଭଳି ଡିଭାଇଡର ଭଙ୍ଗାଯାଇ ଗୋଟିଏ ପାର୍ଶ୍ୱରୁ ଗାଡ଼ି ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ରାସ୍ତା ନିର୍ମାଣ କରାଯାଉଛି। ଫଳରେ ଉଭୟ ଗାଡ଼ି, ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ପ୍ରତୀ ବିପଦ ସମ୍ଭାବନାଥିବା ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ କହିଛନ୍ତି। ଏଭଳି ଘଟିଲେ ଉଭୟ ପମ୍ପ ମାଲିକ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଦାୟୀ ରହିବେ ବୋଲି ମାଝୀ କହିଥିଲେ। ଏ ନେଇ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଏଏସ ରାଓ କହିଛନ୍ତି, ଡିଭାଇଡର ଭାଙ୍ଗିବା ପାଇଁ ଅନୁମତି ଦିଆଯାଇ ନାହିଁ। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।


ରାଜପଥରୁ ଡିଭାଇଡ଼ର ଭଙ୍ଗାଯାଇଥିବା ସ୍ଥାନ।

## ସଂକ୍ଷେପରେ

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ବାର୍ଷିକ ଉତ୍ସବ

ରାଜକନିକା,୨୬।୧୨(ଡି.ଏନ.ଏ.): ରାଜକନିକା ବ୍ଲକର ଚରପଡ଼ା ପଞ୍ଚାୟତର କଣ୍ଡିଆ ଗାଁରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରବିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମାକୁମାରୀ ଲୀନା ପୌରୋହିତ୍ୟ କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ପ୍ରାକ୍ତନ ଅଧକ୍ଷ ପ୍ରମୋଦ କୁମାର ନାୟକ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବ୍ରହ୍ମାକୁମାର ନାରାୟଣ, ସମ୍ମାନିତ ଅତିଥି ଭାବେ କଣ୍ଡିଆ ଶହୀଦ ସଚ୍ଚିଦାନନ୍ଦ ସ୍ମୃତି କମିଟିର ସଭାପତି ଶିବରାମ ଦାସ ଯୋଗଦେଇ ମଣିଷ ଜୀବନରେ ଶାନ୍ତି ସମୃଦ୍ଧି ଆଣିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚରପଡ଼ା ସରପଞ୍ଚ ଧୀରେନ ଯେନା, ସମିତିସଭ୍ୟ ଜଗନ୍ନାଥ ମଲିକ, ନିତ୍ୟାନନ୍ଦ ସାହୁ, ବାବୁରାମ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନରୋତ୍ତମ ବିନ୍ଧାଣି, ବୀଣାପାଣି ବିନ୍ଧାଣି, ସଚିତ୍ର କୁମାର ଦାଶ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ଭାରତୀ ଦାଶ ଧନ୍ୟବାଦ ଦେଇଥିଲେ।

### କେରୁଁଆପାଳ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ରାଜନଗର, ୨୬।୧୨(ଡି.ଏନ୍.ଏ.): -ରାଜନଗର ବ୍ଲକ ବଙ୍ଗୀୟ ଅଧୁଷିତ କେରୁଁଆପାଳ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିର ୩୬୩ ଅଭିଯୋଗ ହୋଇଥିଲା। ସେଥିରୁ ଆବାସ ଯୋଜନାରେ ଗୃହ, ରାଶନ କାର୍ଡ, ଭତ୍ତା ପ୍ରମୁଖର ଅଭିଯୋଗ ଅଧିକ ଲୋକେ କରିଥିଲେ। ତହସିଲଦାର ଭୂୟାଁ ୫୭ ଜଣ ଲୋକଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ଡା. ପ୍ରଣବ କୁମାର ଶୁକ୍ଳା, କେରୁଁଆପାଳ ସରପଞ୍ଚ ଗାୟତ୍ରୀ ପରିଡ଼ା, ସମିତିସଭ୍ୟ ମଧୁସୂଦନ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଅନିରୁଦ୍ଧ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସୁଫଳ କିପରି ପ୍ରତ୍ୟେକ ଲୋକ ପାଇପାରିବେ, ସେ ନେଇ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବାହାଦୁର ଟୁଡୁ, ଜିଆର୍‌ଏସ୍ ସ୍ୱର୍ଣ୍ଣପ୍ରଭା ମଣ୍ଡଳଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### କଳାକାର ଟ୍ରଷ୍ଟର କର୍ମକର୍ତ୍ତା ନିର୍ବାଚନ

ପାରାଦୀପ,୨୬।୧୨(ସ୍ୱ.ପ୍ର.): ପାରାଦୀପ କଳାକାର ଟ୍ରଷ୍ଟର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ୧୭ ତାରିଖରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ନିର୍ବାଚନରେ ସଭାପତିଭାବେ ଆଶିଷ କୁମାର ମହାପାତ୍ର, ଉପସଭାପତି ଚିତ୍ରସେନ ପ୍ରଧାନ, ସମ୍ପାଦକ ବିଶ୍ୱଜିତ ରାଉତ, ସହସମ୍ପାଦକ ବାହନ ପ୍ରଧାନ ଓ କୋଷାଧକ୍ଷ ଭାବେ ପ୍ରଦୀପ ଗୋଛାୟତ ପ୍ରମୁଖ ମନୋନୀତ ହୋଇଥିଲେ। ନିର୍ବାଚନକୁ ଆଇନଜୀବୀ ସଞ୍ଜୟ ମିଶ୍ର ଓ ଜଗନ୍ନାଥ ଶତପଥୀ ପରିଚାଳନା କରିଥିଲେ।

# ଚିନାବାଦାମ ଚାଷୀଙ୍କୁ ବିହନ, କୃଷି ଯନ୍ତ୍ରପାତି ମିଳୁନି

■ ଚେଇଁ ଶୋଇଛି ଜିଲା କୃଷି ବିଭାଗ
■ ହଳ ଲଙ୍ଗଳ ଭରସା
■ ଚଢ଼ା ଦରରେ ବିହନ ଖୋଲା ବଜାରରୁ କିଣୁଛନ୍ତି ଚାଷୀ

ମହାକାଳପଡ଼ା,୨୬।୧୨(ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ହେଲେ କୃଷି ବିଭାଗର ଅନେକ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚି ପାରୁନି ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ ବିଭାଗ ଅନ୍ୟ ମୁଣ୍ଡରେ ଦୋଷ ଦେଇ ଖସିଯାଉଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ପେଟଛେଲା ଓ ରାମନଗର ପଞ୍ଚାୟତର ଅର୍ଥକରୀ (ତୈଳବୀଜ) ଚିନାବାଦାମ ଚାଷୀ। ଏହି ପଞ୍ଚାୟତର ବି.ବି. କଲୋନୀ (ଆଖୁଗଡ଼ା)ର କେତେକ ବାଦାମ ଚାଷୀ ସରକାରୀ କୃଷି ବିଭାଗ କର୍ମଚାରୀଙ୍କୁ ରିହାତି ଦରରେ ବାଦାମ ବିହନ ଯୋଗାଣ ପାଇଁ ନିବେଦନ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ବିହନ ଯୋଗାଇବାରେ ବିଭାଗ ବିଫଳ ହୋଇଛି ବୋଲି ଅଭିଯୋଗ ହେଉଛି। ଏହି ବାଦାମ ଚାଷରେ ଏକର ପ୍ରତି ୨୦ରୁ ୨୫ ହଜାର ଟଙ୍କା ବ୍ୟୟ ହେଉଛି। ସେହିପରି ଜମିରେ ହଳ, କୀଟନାଶକ ଔଷଧ, ଚୂନ, ସାର ପ୍ରୟୋଗ କରି ଜମିକୁ ପ୍ରସ୍ତୁତ କରିବାକୁ ପଡୁଛି। ସରକାରୀ ବାଦାମ ବିହନକୁ ଚାହିଁ ଚାହିଁ ସମୟ ଗଡିଯିବାରୁ ଚାଷୀ ବାଧ ହୋଇ ଖୋଲା ବଜାରରୁ ଚଢ଼ା ଦରରେ କିଲୋ ପ୍ରତି ଶହେ ଟଙ୍କାରୁ ଅଧିକ ମୂଲ୍ୟରେ କିଣି ଚାଷ କରୁଛୁ ବୋଲି ଜଗଦୀଶ ଦେବନାଥ, ହାରାଧନ ଦେବନାଥ, ସୁମଙ୍ଗଳ ଦେବନାଥ, ମଧୁ ଦେବନାଥ, ସୁଧୀର ଦେବନାଥ, ସୁଶୀଳ ଦେବନାଥ, ସମର ଦେବନାଥ, ସମୀର ଦେବନାଥ, ହରେକୃଷ୍ଣ ଦେବନାଥ କହିଛନ୍ତି।


ପେଟଛେଲା (ଆଖୁଗଡ଼ା)ଠାରେ ଚାଷୀମାନେ ଚିନାବାଦାମ ବିହନ ବୁଣୁଛନ୍ତି।

ଅନ୍ୟପକ୍ଷରେ ବି.ବି. କଲୋନୀ ଗ୍ରାମର ଚିନାବାଦାମ କ୍ଷେତକୁ ଜଳସେଚନ ସୁବିଧା ନାହିଁ। ଚାଷୀ ନିଜସ୍ୱ ଉଦ୍ୟମରେ ସ୍ୟାଲୋ ପମ୍ପସେଟ୍ ଓ ଚୁଆ ଖୋଳି ଜଳସେଚନ ସୁବିଧା କରାଉଛନ୍ତି। ସରକାରଙ୍କ ରିହାତି ଦରରେ କୃଷି ଯନ୍ତ୍ରପାତି ଯୋଜନା ବେନାମୀ ଚାଷୀମାନେ ହାତଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଯଥା -ପମ୍ପସେଟ୍, ଔଷଧ ସିଞ୍ଚନ ମେଶିନ୍, ଚିନାବାଦାମ ମଞ୍ଜି ବୁଣିବା ଯନ୍ତ୍ର, ଟ୍ରାକ୍ଟର, ପାୱାରଟିଲର ଆଦି ଯୋଗାଣରେ ବ୍ଲକ କୃଷି ବିଭାଗ ବିଫଳ ବୋଲି ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି। ଅପରପକ୍ଷରେ ସରକାରୀ ନିୟମ ଅନୁସାରେ, ଚାଷୀଙ୍କୁ ରିହାତି ଦରରେ କୃଷି ଯନ୍ତ୍ରପାତି ନ ମିଳିବାରୁ ଚାଷୀମାନେ ବାଧ ହୋଇ ହଳ ଲଙ୍ଗଳକୁ ଭରସା କରିଛନ୍ତି ବୋଲି ବୁଦ୍ଧିରାମ ଦେବନାଥ କହିଛନ୍ତି। ଏ ନେଇ ମାର୍ଶାଘାଇ ଜିଲା କୃଷି ଅଧିକାରୀ ସଞ୍ଜୀବ କୁମାର ମୁଦୁଲିଙ୍କୁ ପଚାରିବାରେ ବାଦାମ ବିହନ ଉପଲବ୍ଧ ହୋଇପାରୁନି। ଆଗୁଆ ପ୍ରି-ବୁକିଂ କଲେ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ଚରପଡ଼ା ପଞ୍ଚାୟତରେ ୪୬୫ ଅଭିଯୋଗ

ରାଜକନିକା, ୨୬।୧୨(ଡି.ଏନ.ଏ.)

ରାଜକନିକା ବ୍ଲକର ଚରପଡା ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ୪୬୫ଜଣ ଲୋକ ଅଭିଯୋଗ କରିଥିଲେ।ସରପଞ୍ଚ ଧୀରେନ ଯେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ସିଏଚସିକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ରାଜକନିକା ବିଡିଓ ରବି ନାରାୟଣ ଆଚାର୍ଯ୍ୟଙ୍କ ନିକଟରେ ସାମାଜିକ କର୍ମୀ ସୁଦାମ ଦାସ ଓ ଶିକ୍ଷକ ମିତ୍ରଭାନୁ ସାମନ୍ତସିଂହାର ଦାବି କରିଥିଲେ। ସେହିପରି ରାଜକନିକା ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ବନ୍ୟାରେ ଚରପଡ଼ା -ଠାକୁରାଣିପାଳ ପୂର୍ତ୍ତ ବିବାଗ ରାସ୍ତାରେ ଉଚ୍ଚା କରିବାକୁ ଖବରଦାତା ଶିବରାମ ଦାସ ଦାବି କରିଥିଲେ। ତେବେ ଭତ୍ତା, ରାଶନ ସମାଗ୍ରୀ, ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ଲୋକେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ, ସମିତିସଭ୍ୟ ଜଗନ୍ନାଥ ମଳିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପ୍ରହସନରେ ପରିଣତ ହେଲା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

■ ଗୋଲରାହାଟ ପଞ୍ଚାୟତରେ ମାତ୍ର ୧୮ ଅଭିଯୋଗ
■ କାର୍ଯ୍ୟଶୂନ ପାଇଁ ସାଧାରଣରେ ଅନାଗ୍ରହ

ଡେରାବିଶ,୨୬।୧୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚୟତ ଅନ୍ତର୍ଗତ ତିଲକପୁରସ୍ଥିତ ପଞ୍ଚାୟତ ଭବନରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବିଡିଓ ନମିତା ବାରିକ ଶୁଭାରମ୍ଭ କରିବା ସହ ମାତ୍ର ୧୮ଟି ଅଭିଯୋଗ ଗ୍ରହଣ କରିଥିଲେ। ଏଥିରେ ସରପଞ୍ଚ କାଶୀନାଥ କାଣ୍ଡି, ସମିତିସଭ୍ୟ କରୁଣାକର କାଣ୍ଡିଙ୍କ ସମେତ ଏବିଡିଓ ଭଞ୍ଜ କିଶୋର ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ମାତ୍ର ୧୦ଟି ଷ୍ଟଲ ଖୋଲି ବିଭିନ୍ନ ବିଭାଗର ସମ୍ପ୍ରସାରଣ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଥିଲେ। ବ୍ଲକ ଅଧୀନ ୨୬ଟି ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ସମ୍ପୃକ୍ତ ପଞ୍ଚାୟତଗୁଡ଼ିକର ଜନସାଧାରଣ ସେମାନଙ୍କ ଅଭିଯୋଗ ଦେବା ପାଇଁ ଭିଡ଼ ଜମାଉ ଥିଲେ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟଶୂନ ପାଇଁ ଜନସାଧାରଣ ଅନାଗ୍ରହ ପ୍ରକାଶ କରୁଥିବା ଲୋକେ କହିଛନ୍ତି। ବ୍ଲକ ଅଧୀନ ବାରିମୂଳ, ନରସିଂହପୁର, ବସପୁର ଓ ଗୋଲରାହାଟରେ ହୋଇଥିବା କାର୍ଯ୍ୟକ୍ରମରେ ଲୋକଙ୍କ ଅନାଗ୍ରହ ଦେଖିବାକୁ ମିଳିଛି। ଗୋଲରାହାଟରେ ଗତଥର ୪ଶହ ଅଭିଯୋଗ ହୋଇଥିବା ବେଳେ ଏଥର ମାତ୍ର ୧୮ଟି ଅଭିଯାଗ ହୋଇଥିଲା। ଏହି କାର୍ଯ୍ୟକ୍ରମ ସବୁଠାରୁ ନୈରାଶ୍ୟଜନକ ଥିଲା। ଏହି କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ପକ୍ଷରୁ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଉଥିବା ବେଳେ ଏହା ଏକ ପ୍ରହସନରେ ପରିଣତ ହୋଇଥିବା ଲୋକମାନେ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ଉପସ୍ଥିତ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତେବେ ରାଶନ ସାମଗ୍ରୀ, ଭତ୍ତା, ବାସଗୃହ ଯୋଜନାରୁ ବଞ୍ଚିତ ହିତାଧିକାରୀମାନେ ସେମାନଙ୍କ ଅଭିଯୋଗ ପ୍ରଦାନ କରିବା ସହ ବିଭିନ୍ନ ଗାଁରେ ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ମରାମତି ପାଇଁ ଲୋକମାନେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, କନିଷ୍ଠଯନ୍ତ୍ରୀ ବିଭୁ ପ୍ରସାଦ ଦାସ, ଉଦ୍ୟାନ କୃଷି ବିଭାଗ ସହକାରୀ ଉଦ୍ୟାନ କୃଷି ଅଧିକାରୀ କେଦାରନାଥ ବାରିକ, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗର ଶିବ ପ୍ରସାଦ ରାଉତରାୟ, ଅଭିମନ୍ୟୁ ଖଟୁଆ, ଚୌଧୁରୀ ଦୀପକ କୁମାର, ସତ୍ୟବାଦୀ ରାଉତ, ତାପସ ରଞ୍ଜନ ଜେନା, ପ୍ରମୋଦ କୁମାର ଦାସ, ସଂଗ୍ରାମ କେଶରୀ ଜେନା ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ନିହାର ରଞ୍ଜନ ଥାଟୋଇ, ଅନୀଲ କୁମାର ସେଠୀ, ଚିତ୍ତରଞ୍ଜନ ଦାସ, ମନୋଜ କୁମାର ଶତପଥୀ, କମଳାକାନ୍ତ କାଣ୍ଡି ଓ ସୁନାକର ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପଞ୍ଚାୟତ ଅନ୍ତର୍ଗତ ଚଷାଖଣ୍ଡ କାଜିପୁର ଗାଁର ଗଜଲକ୍ଷ୍ମୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଡିଓ ବାରିକ ଏକ ବ୍ୟାଟେରୀ ଚାଳିତ ଅଟୋ ପ୍ରଦାନ କରିଥିଲେ।



ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଲୋକେ ଅଭିଯୋଗ କରୁଛନ୍ତି।

## ଆଳିରେ ଭାଜପାର ସତ୍ୟାଗ୍ରହ



ସତ୍ୟାଗ୍ରହରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀମାନେ।

ଆଳି,୨୬।୧୨(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଅପାରଗତା, ଦୁର୍ନୀତି, ବିଜେଡି ନେତାଙ୍କର ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତି ଥାଇ ତଥ୍ୟ ପ୍ରମାଣ ନଷ୍ଟ କରିବା, ସର୍ବୋପରି ଜଗନ୍ନାଥ ସଂସ୍କୃତିରେ ବିଶ୍ୱାସ ରଖୁଥିବା ସାଢେ ୪ କୋଟି ଓଡ଼ିଆଙ୍କର ଶାନ୍ତିପ୍ରିୟ ଓଡ଼ିଶାକୁ ଅପରାଧୀଙ୍କର ଚରାଭୂଇଁରେ ପରିଣତ କରିଥିବା ବିଜେଡି ସରକାର ବିରୋଧରେ ଭାଜପା ପକ୍ଷରୁ ସୋମବାର ସତ୍ୟାଗ୍ରହ କରାଯାଇଛି। ଏହି କ୍ରମରେ ଆଳି ଭାଜପା ପକ୍ଷରୁ ଗୋବିନ୍ଦପୁର ବଜାରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ୪ ଘଣ୍ଟିଆ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ଆଳି ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମି ରଞ୍ଜନ ବେହୁରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ସତ୍ୟାଗ୍ରହ କାର୍ଯ୍ୟକ୍ରମକୁ ଭାଜପା ନେତା ବ୍ରଜସୁନ୍ଦର ଭୂୟାଁ ସଂଯୋଜନା କରିଥିଲେ। ଏହି ପ୍ରତିବାଦ ସଭାରେ ଗୋବିନ୍ଦପୁର ମଣ୍ଡଳ ସଭାପତି ଓମ ପ୍ରକାଶ ପତି, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ସୁବାସ ପାତ୍ର, ଆଳି ସଦର ମଣ୍ଡଳ ସଭାପତି ବାଦଲ ନନ୍ଦ, ନିଆଳ ମଣ୍ଡଳ ସଭାପତି ରାଜେନ୍ଦ୍ର ସାମଲ, ପୂର୍ବତନ ମଣ୍ଡଳ ସଭାପତି ଦେବାଶିଷ କୁଅଁର, ବରିଷ୍ଠ ନେତା ଶରତ ଜଗଦ୍ଦେବ, ଅଶ୍ୱିନୀ ଦାସ, ଭୂପତି ସେଠୀ, ନବ ବେହେରା, ସନାତନ ମଲିକ, ତନୁଜ ପଲାଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସରୋଜ କର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଭାସ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଜାନୁୟାରୀରୁ ତ୍ରୈମାସିକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଜଗତ୍‌ସିଂହପୁର, ୨୬।୧୨

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ତ୍ରୟମାସିକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ଓ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଜାନୁୟାରୀ ୨ରେ ନାଉଗାଁ ବ୍ଲକ କାର୍ଯ୍ୟାଳୟ, ୯ରେ ବାଲିକୁଦା ବ୍ଲକ କାର୍ଯ୍ୟାଳୟ, ୧୬ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ୨୪ରେ ଏରସମା ବ୍ଲକ କାର୍ଯ୍ୟାଳୟ ଓ ୩୦ରେ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ଏହା ଅନୁଷ୍ଠିତ ହେବ। ଫେବୃୟାରୀ ୬ରେ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ୧୩ରେ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ, ୨୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ୨୭ରେ ବିରିଡ଼ି ବ୍ଲକ କାର୍ଯ୍ୟାଳୟରେ ଏହି ଶିବିର ଆୟୋଜନ କରାଯାଇଛି। ସେହିପରି ମାର୍ଚ୍ଚ ୬ରେ ନାଉଗାଁ ବ୍ଲକ କାର୍ଯ୍ୟାଳୟ, ୧୩ରେ ବାଲିକୁଦା ବ୍ଲକ କାର୍ଯ୍ୟାଳୟ, ୨୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ୨୭ରେ ଏରସମା ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି କରାଯିବ। ଏସବୁ ଶିବିରରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲାପାଳ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ, ଉପ ଜିଲାପାଳ, ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## କଖାରୁଣୀ ପଞ୍ଚାୟତରେ ୫୬୦ ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୬।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ବିଡ଼ିଓ ଭରତ ଚନ୍ଦ୍ର ପରିଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରମେଶ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ବିଶ୍ୱନାଥ ପଣ୍ଡା ଓ କୀର୍ତ୍ତିଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଆବାସ, ରାଶନକାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୫୬୦ ଅଭିଯୋଗ ହୋଇଥିଲା। ଏଥିରେ ୨୫ ଜଣ ଭତ୍ତା ପାଇଁ ଆବେଦନ କରିଥିବାବେଳେ ୧୦୯ ଅଣ ସଙ୍ଗଠିତ ଶ୍ରମିକଙ୍କୁ ପଞ୍ଜୀକୃତ କରାଯିବା ସହ ୩୫ ଜଣଙ୍କ ଆଧାର ପଞ୍ଜୀକରଣ, ୨୦୦ ଗାଇଗୋରୁଙ୍କୁ ଟୀକା ଦିଆଯାଇଥିଲା। ଏଥିସହ ଡିଡିୟୁଜିକେୱାଇ ୮ଜଣ, ବ୍ୟାଙ୍କ ସଂଯୋଗୀକରଣ ୫ଜଣ, ପିଏମ୍‌ଇଜିପି ୪, କେକେସି ୨, ସୁକନ୍ୟା ସମୃଦ୍ଧି ଯୋଜନାରେ ୧୦ ଜଣ ଓ ଏସ୍‌ଏସଜି ବୀମା ଯୋଜନାରେ ୬ ଜଣଙ୍କୁ ସାମିଲ କରାଯାଇଛି। ଏଥିରେ ତହସିଲଦାର ଦିଲୀପ ସେଠୀ, ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡ଼ା, ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବ୍ଲକ ସହନିର୍ବାହୀଯନ୍ତ୍ରୀ ରୋଜାଲିନ ଦଳେଇ, ସିଡିପିଓ ମୁକ୍ତରି ବେଗମ୍, ଦୋଷିଆ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଲ ମାଝି, ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ, ଏସ୍‌ଇଓ ଉଦାର ସୁନ୍ଦର ସ୍ୱାଇଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ପଞ୍ଚାୟତ ଜିଆର୍‌ଏସ୍ ଦେବାଶିଷ ଦାସ, ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ।


ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

## ଐତିହ୍ୟ, କଳା, ସଂସ୍କୃତି ପ୍ରତି ଯୁବପିଢ଼ି ଆକୃଷ୍ଟ ହେବା ଦରକାର

ଡେରାବିଶ, ୨୬।୧୨ (ସ୍ୱ.ପ୍ର.)

ଆଜିର ସମାଜ ଅବକ୍ଷୟ ମୁଖି ହୋଇପଡିଛି। ବିଦେଶୀ ସଂସ୍କୃତିକୁ ଆପଣେଇ ନେଇ ଏବେ ଯୁବ ସମାଜ ଧ୍ୱଂସର ରାସ୍ତା ଆଡକୁ ଅଗ୍ରସର ହେବାରେ ଲାଗିଛି। ଡେରାବିଶ ଅଞ୍ଚଳର ଗୌରବମୟ ଐତିହ୍ୟ, ପ୍ରାଚୀନ ଲୋକକଳା ଓ ସଂସ୍କୃତିର ସ୍ୱର୍ଣ୍ଣିମ ଇତିହାସ ସହ ବର୍ତ୍ତମାନର ଯୁବପିଢି ଆକୃଷ୍ଟ ହେବା ଦରକାର। ମହୋତ୍ସବ ମାଧ୍ୟମରେ ଯୁବବର୍ଗ ପ୍ରାଚୀନତା ପ୍ରତି ନିଜ ଭିତରେ ଆଗ୍ରହ ସୃଷ୍ଟି କରିପାରିଲେ ବିଦେଶୀ ଅପସଂସ୍କୃତି ଓ ଧ୍ୱଂସ ମୁଖରୁ ବଞ୍ଚା ଯାଇପାରିବ ବୋଲି ଡେରାବିଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ ସୋମବାର ଏକାଦଶତମ ଡେରାବିଶ ମହୋତ୍ସବର ଦ୍ୱିତୀୟ ସାନ୍ଧ୍ୟା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ସଙ୍ଗଠନର ଉପସଭାପତି ମହେନ୍ଦ୍ର କୁମାର ସିଂହ ଉତ୍ସବରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ବିଜୟ କୁମାର ନାୟକ ଯୋଗଦେଇ ଆଗାମୀ ପିଢିକୁ ସଂସ୍କୃତି ସମ୍ପନ୍ନ ଓ ଅଞ୍ଚଳର ସାମୂହିକ ବିକାଶ ପାଇଁ ଜିଲାରେ ଏକମାତ୍ର ଏପରି ମହୋତ୍ସବ ୭ଦିନ ଧରି ସଫଳତାର ସହ ଆୟୋଜନ କରୁଥିବା ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ। ସଂସ୍କୃତି ଓ ଭାଇଚାରାକୁ ମହୋତ୍ସବ ପ୍ରତିଷ୍ଠା କରିଥାଏ ବୋଲି ନିଜ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅଧ୍ୟାପକ ଗୋଲକ ଚନ୍ଦ୍ର ମହାଭୋଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରାମଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।


କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଶଣ କରାଯାଉଛି।

### ଏକାଦଶତମ ଡେରାବିଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଶୀତୁଆ ସନ୍ଧ୍ୟାର ଭରପୁର ଦର୍ଶକଙ୍କ ମଧ୍ୟରେ ଖୋର୍ଦ୍ଧାର ଶଶିମଣି କଳାମ୍ରିକା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାରଙ୍କ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମହୋତ୍ସବ ପଡ଼ିଆରେ ରାଜ୍ୟ ସରକାରଙ୍କ ଓରମାସ ପକ୍ଷରୁ ୪୦ ଷ୍ଟଲ ପକାଯାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ସାମଗ୍ରୀ ପଡିଛି। ଏହାକୁ କ୍ରୟ କରିବାକୁ ମହିଳାଙ୍କ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ଅନ୍ୟ ୫୦ରୁ ଉର୍ଦ୍ଧ୍ୱ ଷ୍ଟଲ୍‌ରେ ଜନଗହଳି ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମକୁ ଖୁର୍ସିଦ ଆଲମ ଖାଁ, ସରୋଜକାନ୍ତ ଦାସ, ଲକ୍ଷ୍ମୀକାନ୍ତ ଜେନା ଓ ମରୁତ ସ୍ୱାଇଁଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୭ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ଦୁର୍ଘଟଣାରେ ବୃଦ୍ଧ ମୃତ

ରଣପୁର,୨୬।୧୨(ସ୍ୱ.ପ୍ର.): ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଚାନ୍ଦପୁର ଥାନା ଅଧୀନ କଟକ ସହର ନିକଟରେ ସୋମବାର ଅପରାହ୍ଣରେ ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତବ୍ୟକ୍ତି ହେଉଛନ୍ତି ଗୌରି ବାରିକ (୬୦)। ସେ କଟକ ସହର ନିକଟରେ ରାସ୍ତା ପାର ହେବା ସମୟରେ ଏକ ଅଜଣା ଗାଡି ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ଗୌରିଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ମୃତ ଗୌରିଙ୍କ ଘର ରଣପୁର ସୁଆଁସିଆ ସାହିର ହୋଇଥିବା ବେଳେ ସେ ବେଣ୍ଟ ଗାଁରେ ଭଡାରେ ରହୁଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

### ନିଆଁ ଲାଗି ଜଳିଗଲା ୪ ବଖରା

ନୂଆଗାଁ, ୨୬।୧୨ (ଡି.ଏନ.ଏ.): ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଅଧୀନ ଭାଲିଆପଦର ଗାଁରେ ସୋମବାର ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡି ଯାଇଛି। ଭାଲିଆପଦର ଗାଁର ଆଦିବାସୀ ଲୋକମାନେ ଜମିବାଡି କାମରେ ଜମିକୁ ଯାଇଥିବାବେଳେ ପୂର୍ବାହ୍ଣ ୧୦ଟାରେ ଘରେ ନିଆଁ ଲାଗିଥିଲା। ଚାଳଘର ଲାଗି ରହିଥିବାରୁ ନିଆଁ ଦ୍ରୁତବେଗରେ ଘରକୁ ଘର ଡେଇଁ ଥିଲା। ଖବରପାଇ ନୂଆଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ସବୁ ପୋଡ଼ିଯାଇଥିଲା। ଅଗ୍ନିକାଣ୍ଡରେ ଭାଲିଆପଦର ଗ୍ରାମର ରଘୁ ମଲିକ, ଯୋଗୀ ମଲିକ, ରମେଶ ମଲିକ, ସନ୍ତୋଷ ମଲିକଙ୍କ ଘର ପୋଡିଯାଇଛି। ତେବେ ନିଆଁ ଲାଗିବାର କାରଣ ଜଣାପଡିନାହିଁ। ନୂଆଗାଁ ରାଜସ୍ୱ ବିଭାଗ ପକ୍ଷରୁ ପଲିଥିନ୍ ଯୋଗାଇ ଦିଆଯାଇଥିବାବେଳେ ନୟାଗଡ ସମାଜସେବୀ ଦାମ ସାର ପହଞ୍ଚି ଶୀତବସ୍ତ୍ର ପ୍ରଦାନ କରିଛନ୍ତି।

### ବୃଦ୍ଧାଙ୍କୁ ନିଶା ଦେଇ ଘରୁ ଲୁଟିନେଲେ ସୁନାଗହଣା

ବ୍ରହ୍ମପୁର ଅଫିସ,୨୬।୧୨: ବ୍ରହ୍ମପୁର ସହରରେ ଏବେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହେବାରେ ଲାଗିଛନ୍ତି। ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଗ୍ୟାଙ୍ଗ୍ ଜଣକ ପରେ ଜଣଙ୍କୁ ଟାର୍ଗେଟ କରୁଛନ୍ତି। ୨ଦିନ ତଳେ ଜଣେ ଯୁବକଙ୍କୁ ମାଡ଼ ମାରି ତାଙ୍କଠାରୁ ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଥିବା ବେଳେ ଏବେ ବାବାଜୀ ତୋଟାସାହିରେ ବୃଦ୍ଧ ଦମ୍ପତି ଏକାକୀ ଘରେ ରହୁଥିବା ବେଳେ ତାଙ୍କୁ ଟାର୍ଗେଟ କରିଛନ୍ତି। ରବିବାର ଭୋରୁ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ ବ୍ରଜବନ୍ଧୁ ତ୍ରିପାଠୀ ଫୁଲ ତୋଳିବାକୁ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଲୁଟେରା ଗ୍ୟାଙ୍ଗ୍ ଘରେ ପଶି ବ୍ରଜବନ୍ଧୁଙ୍କ ସ୍ତ୍ରୀଙ୍କୁ ଶୋଇଥିବା ଅବସ୍ଥାରେ ନିଶା ଦେଇ ଅଚେତ କରିବା ସହ ସେ ପିନ୍ଧିଥିବା ସମସ୍ତ ସୁନା ଗହଣା ଲୁଟି ନେଇଛନ୍ତି। ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ.୪୫୯/୨୨ରେ ମାମଲା ରୁଜୁ କରିଛି। ସୁନାହାର, ଚୁଡ଼ି, ରୁଲି, ହାତମୁଦି, କାନ ଝିକା, ଏପରି ୧୫ ଭରିର ସୁନାଗହଣା ଓ ପାଖରେ ଥିବା ୮ ହଜାର ଟଙ୍କା ଭର୍ତ୍ତି ଭ୍ୟାନିଟି ବ୍ୟାଗ୍ ଲୁଟି ନେଇଥିଲେ। ଚେତାଶୂନ୍ୟ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ଆସାମର ବିହୁ ନୃତ୍ୟ ମନମୋହିଲା

ନୟାଗଡ଼ ଅଫିସ,୨୬।୧୨

ନୟାଗଡ଼ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୩ୟ ଦିବସରେ ପହଞ୍ଚିଛି। ସିଂହାରୀ ଏଣ୍ଟରଟେନମେଣ୍ଟ ପୁରୀର ଫାୟାର ଆର୍ଟ, ରାଜସ୍ଥାନୀ ନୃତ୍ୟ, ଆସାମର ବିହୁ ନୃତ୍ୟ ଓ ଗୁଜରାଟି ନୃତ୍ୟ ମଞ୍ଚରେ ଦେଖିବାକୁ ମିଳିଛି। ବିହୁ ନୃତ୍ୟ ଲୋକମାନଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା। ସେହିପରି ସୁର ଭାଇବ୍ରେସନ ମେଲୋଡ଼ିଇ ଭୁବନେଶ୍ୱର ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଜୟଶ୍ରୀ ଧଳ ଓ ସାଥୀଙ୍କ ପକ୍ଷରୁ ମଡନ ଡ୍ୟାନ୍ସ ଓ ଫ୍ୟୁଜନ ହୋଇଥିଲା। ଲୋକ ଦର୍ପଣ ସାଂସ୍କୃତିକ ସଂସ୍ଥା ମଧ୍ୟ ପ୍ରଦେଶ ପକ୍ଷରୁ ବଧାଇ ନୃତ୍ୟ ଅନୁରୂପ ଚିତ୍ତାକର୍ଷକ ଥିଲା। ରୟାଲ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସ୍ୱଚ୍ଛ ନୟାଗଡ଼ ସହରର ସଫେଇ କାର୍ଯ୍ୟକ୍ରମ ସ୍ଥାନୀତ ହୋଇଥିଲା। ନୟାଗଡ଼ର ଡିଭାଇନ ଅନୁଷ୍ଠାନ ପକ୍ଷରୁ ନୟାଗଡ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏ ଅବସରରେ ଅନୁଷ୍ଠିତ ସଭାରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଦଶପଲ୍ଲା ଏନ୍‌ଏସି ଅଧ୍ୟକ୍ଷ ପୁନମ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ସୁବାସ କଅଁର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ।



ଆସାମର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ବିହୁ ନୃତ୍ୟ ପ୍ରଦର୍ଶନ।



ମହୋତ୍ସବ ସ୍ଥଳରେ ଟିପା ମେଶିନ୍‌ରେ ମଶାଧୂଆଁ ଦିଆଯାଉଛି।

### ପୋଲିସର ଦୁର୍ବ୍ୟବହାର

ମହୋତ୍ସବକୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସର କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ହେଲେ କେତେଜର ପୋଲିସ କ୍ଷମତାର ଅପବ୍ୟବହାର କରି ସାଧାରଣ ଲୋକଙ୍କୁ ଖରାପ ବ୍ୟବହାର ଦେଖାଉଛନ୍ତି। ମହୋତ୍ସବ ଫାଟକ ନିକଟରେ ରହୁଥିବା କେତେଜଣ ପୋଲିସ କର୍ମଚାରୀଙ୍କ ନାଁରେ ଏପରି ଅଭିଯୋଗ ଆସିଛି। କେତେଜଣ ଖବରଦାତାଙ୍କୁ ମଧ୍ୟ ଖରାପ ବ୍ୟବହାର ଦେଖାଇଛନ୍ତି। ଯାହାକୁ ନେଇ କିଛି ସମୟ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

### ସାଇକେଲ ଷ୍ଟାଣ୍ଡରେ ରୋଜଗାର

ସାଇକେଲ ଷ୍ଟାଣ୍ଡରେ ସାଇକେଲ, ଗାଡି ରଖିବାକୁ ବାଧ କରାଯାଉଛି। ରାସ୍ତାକୁ ଛାଡି ଅନ୍ୟ ଯେଉଁ ସ୍ଥାନରେ ରଖିଲେ ପୋଲିସ ଘଉଡାଇ ଉଠାଇ ଦେଉଛି। ସାଇକେଲ ଷ୍ଟାଣ୍ଡକୁ ନିଲାମ ନ କରି ନୟାଗଡ଼ ମ୍ୟୁନସିପାଲିଟି ପାଣ୍ଠି ବଢ଼ାଉଛି ବୋଲି କହୁଛି। ହେଲେ ଦିନକୁ କେତେ ଟଙ୍କା ହେଉଛି ତା'ର ହିସାବ ନାହିଁ। ସାଇକେଲ ଷ୍ଟାଣ୍ଡ ବାହାନାରେ ଭଲ ରୋଜଗାର କରାଯାଇ ଏକ ସିଂହ ଭାଗ ବାଟମାରଣା ହେଉଥିବା ଅଭିଯୋଗ ହେଉଛି।

## ନୟାଗଡ଼ ମହୋତ୍ସବର ତୃତୀୟ ସନ୍ଧ୍ୟା

### ମଶାଙ୍କୁ ନିପାତ

ନୟାଗଡ ସହରରେ ମଶାଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ହେଲେ ନୟାଗଡ଼ ମ୍ୟୁନିସିପାଲିଟିର ମଶା ଧୂଆଁ ଦେବାକୁ ମନେ ପଡୁନି। କିନ୍ତୁ ଟିପା ମେଶିନ ଧରି ମହୋତ୍ସବ ସ୍ଥଳରେ ମଶା ଧୂଆଁ ଦିଆ ଚାଲିଛି। ସହର ଲୋକ ଏହାକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷେ ସହରରେ କାହିଁକି ମଶା ଧୂଆଁ ଦିଆଯାଉନି ବୋଲି ପ୍ରଶ୍ନ ଉଠାଇଛନ୍ତି। ମଶା ଧୂଆଁ ଦେବାକୁ କିଏ ବାଧକ ସାଜୁଛି ବୋଲି କୁହାଯାଉଛି।

### ରାଜନୈତିକ ମଞ୍ଚ

ନୟାଗଡ଼ ଜିଲାରେ ଅନେକ ଜ୍ଞାନୀ, ଗୁଣୀ, ବୁଦ୍ଧିଜୀବୀ, ସୁବକ୍ତା, ଆଇନଜୀବୀ, ସଂଗ୍ରାମୀ ଅଛନ୍ତି। ହେଲେ ସେମାନଙ୍କର ନାଁ ମହୋତ୍ସବରେ ନାହିଁ। କିନ୍ତୁ ପ୍ରତ୍ୟେହ ରାଜନୈତିକ ଦଳର ନେତାଙ୍କୁ ନିମନ୍ତ୍ରଣ କରାଯାଉଛି। ତେବେ ଚଳିତବର୍ଷ କେତେଜଣ ଖବରଦାତାଙ୍କୁ ମଞ୍ଚରେ ପ୍ରାଇଜ ବଣ୍ଟନ କରିବାକୁ ସୁଯୋଗ ଦିଆଯାଇଛି। ଅନ୍ୟମାନଙ୍କୁ ଅଣଦେଖା କାହିଁକି କରାଯାଉଛି ବୋଲି ସାମାଜିକ ଗଣମାଧ୍ୟମରେ ବି ସମାଲୋଚନା ହେଉଛି। ଜିଲା ମହୋତ୍ସବ କାରଣରୁ ସମସ୍ତଙ୍କୁ ସୁବିଧା ସୁଯୋଗ ଦିଆଯିବା ଦରକାର। ଚଳିତବର୍ଷ ଯେପରି ରାଜନୈତିକ ମଞ୍ଚ କରାଯାଇଛି ସେଥିରେ ପରିବର୍ତ୍ତନ କରି ଅନ୍ୟ ୨ ଦିବସରେ ପରିବର୍ତ୍ତନ କରିବାକୁ ଦାବି ଉଠିଛି।

# ନୟାଗଡ଼ରେ ଖୋଲିବ ୨ ଟ୍ରମା କେୟାର ଫାସିଲିଟି

ନୟାଗଡ ଅଫିସ/ରଣପୁର, ୨୬।୧୨ (ସ୍ୱ.ପ୍ର.)

ଜାତୀୟ ରାଜପଥରେ ଦୁର୍ଘଟଣା ହାର ବଢୁଛି। ଏହାକୁ ଆଖି ଆଗରେ ରଖି ଟ୍ରମା କେୟାର ଫାସିଲିଟି ବ୍ୟବସ୍ଥା ଜାତୀୟ ରାଜପଥ ପାର୍ଶ୍ୱରେ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏ ଅବସରରେ ରାଜ୍ୟରେ ୫୫ଟି ଟ୍ରମା କେୟାର ଫାସିଲିଟି ସେଣ୍ଟର କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ହେଲଥ ଆଣ୍ଡ ଫାମିଲ ୱେଲଫେୟାର ଡିପାର୍ଟମେଣ୍ଟ ପକ୍ଷରୁ ଚିଠି ନଂ. ୨୯୬୧୧/୨୨।୧୨।୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ତାଲିକାରେ ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ସିଏଚସିରେ ଓ କୋଲକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥ ପାଇଁ ଚାନ୍ଦପୁର ସିଏଚସିରେ ଟ୍ରମା କେୟାର ଫାସିଲିଟି ବ୍ୟବସ୍ଥା ରହିବ। ଚାନ୍ଦପୁରରେ ଟ୍ରମା କେୟାର ଫାସିଲିଟି ରଖିବାକୁ ପୂର୍ବତନ ବିଧାୟକ ରବି ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରି ଆସୁଥିଲେ।

# ଓଡ଼ଗାଁ ବନାଞ୍ଚଳରେ ହାତୀପଲ ନଷ୍ଟ କଲେ ବ୍ୟାପକ ଫସଲ

ଓଡଗାଁ, ୨୬।୧୨ (ସ୍ୱ.ପ୍ର.)

ନୟାଗଡ଼ ବନଖଣ୍ଡ ଓ ଓଡଗାଁ ବନାଞ୍ଚଳରେ ପୁଣି ଥରେ ବ୍ୟାପକ ଫସଲ ହାତୀ ପଲଙ୍କ ଦ୍ୱାରା ନଷ୍ଟ ହୋଇଛି। ପ୍ରାୟ ସପ୍ତାହେ ହେଲା ହାତୀ ପଲ ରୋହିବାଙ୍କ ଓ କୋମଣ୍ଡ ପଞ୍ଚାୟତ ଅଞ୍ଚଳରେ ସନ୍ଧ୍ୟାରୁ ରାତି ମଧ୍ୟରେ ଅମଳକ୍ଷମ ଧାନ ବିଲରେ ପଶି ଧାନ ଖାଇବା ସହ ଦଳି କୁଦି ନଷ୍ଟ କରିବା ନେଇ ଅନେକ ଚାଷୀ ସ୍ଥାନୀୟ ରେଞ୍ଜରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେହିପରି ରବିବାର ରାତିରେ ହାତୀ ପଲ ପଥରା ବୃଦ୍ଧାଶ୍ରମ ଭିତରେ ପଶି ଶତାଧିକ କଦଳୀ ଗଛ ଦଳି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ରାତିରେ ହାତୀ ପଲ ବୃଦ୍ଧାଶ୍ରମରେ ପ୍ରବେଶ କରିବା ପରେ ଅନ୍ତେବାସୀଙ୍କ ସହ କେୟାରଟେକର ଭୟଭୀତ ହୋଇପଡ଼ିଥିଲେ। ହେଲେ ସେମାନେ କେବଳ କଦଳୀ ଗଛ ନଷ୍ଟ କରିବା ସହ ପାଣି ପାଇପ ଫଟାଇ ଚାଲି ଯାଇଥିବା ସଂସ୍ଥାପକ ଅରୁଣ ଅଚାରୀ କହିଛନ୍ତି। ଅନ୍ୟପକ୍ଷେ ଅଭିଯୋଗ ଅନୁସାରେ ତଦନ୍ତ କରିବା ପରେ ସମସ୍ତଙ୍କୁ ନିୟମାନୁସାରେ କ୍ଷତି ପୂରଣ ଦିଆଯିବ। ଯଥା ସମ୍ଭବ ସେମାନଙ୍କୁ ବଣ ମଧ୍ୟକୁ ଘଉଡ଼ାଇବାକୁ କର୍ମଚାରୀ ସଜାଗ ଥିବା ବୋଲି ରେଞ୍ଜର ଆଶିଷ କୁମାର କଅଁର କହିଛନ୍ତି।



ନଷ୍ଟ ହୋଇଯାଇଥିବା କଦଳୀଗଛ।

## ବୃଦ୍ଧାଶ୍ରମରେ ୧୫୦ରୁ ଊର୍ଦ୍ଧ୍ୱ କଦଳୀ ଗଛ ନଷ୍ଟ

# ବେଳାଭୂମି ମହୋତ୍ସବ ଆୟୋଜନରେ ଅବ୍ୟବସ୍ଥା

ଗୋପାଳପୁର,୨୬।୧୨(ଡି.ଏନ.ଏ.)

ଗୋପାଳପୁର ବେଳାଭୂମି ମହୋତ୍ସବ ଆୟୋଜନରେ ଅବ୍ୟବସ୍ଥା ହୋଇଥିବା ଭାଜପା ଅଭିଯୋଗ କରିଛି। ଏ ନେଇ ଭାଜପା ନଗର ସଭାପତି ପଞ୍ଚୁ ବେହେରାଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅଭିଯୋଗ ମୁତାବକ, ମହୋତ୍ସବ ପାଇଁ ଗୋପାଳପୁରବାସୀଙ୍କ ଯାତାୟାତରେ ଅସୁବିଧା, ସ୍ଥାନୀୟ ଲୋକେ ପରିଚୟ ପତ୍ର ଦେଖାଉଥିଲେ ମଧ୍ୟ ଘରକୁ ଛାଡୁ ନ ଥିବା, ସ୍ଥାନୀୟ ନଗରପାଳଙ୍କ ନାମ ନିମନ୍ତ୍ରଣ ପତ୍ରରେ ନ ଥିବା, ସ୍ଥାନୀୟ ବିଧାୟକ ଓ ସାନଖେମୁଣ୍ଡି ବିଧାୟକଙ୍କୁ ନ ଡାକି କେବଳ ବିଜେଡି ବିଧାୟକଙ୍କୁ ଡାକିବା, ବିରୋଧୀ ଦଳ ନେତାଙ୍କୁ ନିମନ୍ତ୍ରଣ ନ କରିବା, ମହୋତ୍ସବ ସମୟରେ ବହୁ ଲୋକଙ୍କ ଭିଡ଼ ହେଉଥିଲେ ମଧ୍ୟ ଆବଶ୍ୟକ ଶୌଚାଳୟ ନ ଥିବା, ବେଳାଭୂମିରେ ଲାଇଫ ଗାର୍ଡ ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ନ ଥିବା, ଗୋପାଳପୁର ପର୍ଯ୍ୟଟନର ବିକାଶ କହୁଥିବା ବେଳେ ଲାଭରେ ଚାଲୁଥିବା ପାନ୍ଥ ନିବାସର ଅଧାରୁ ଅଧିକ ଜାଗାକୁ ଘରୋଇ ହାତକୁ ଟେକି ଦେଇ ବଳକା ଥିବା ୬ଟି କଟେଜ ଓ ୯ଟି ରୁମକୁ ମଧ୍ୟ ଘରୋଇକରଣ ପାଇଁ ମସୁଧା ଚାଲିଛି। ଏଥିରେ ଗୋପାଳପୁର ଭାଜପା ନଗର ସଭାପତି ପଞ୍ଚୁ ବେହେରା, ବି. ରାମା ରାଓ, ଅଶୋକ ବେହେରା, ସଞ୍ଜୟ ଗନ୍ତାୟତ, ଏ. କ୍ରିଷ୍ଣା, ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରାଇଭର ମହାସଂଘର ବୈଠକ, କର୍ମକର୍ତ୍ତା ଚୟନ



ବୈଠକରେ ଯୋଗ ଦେଇଥିବା ଡ୍ରାଇଭର ମହାସଂଘର କର୍ମକର୍ତ୍ତା।

ଖଣ୍ଡପଡ଼ା,୨୬।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ମା' ଉମାଦେବୀଙ୍କ ପୀଠ ପରିସରରେ ଡ୍ରାଇଭର ମହାସଂଘର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଡ୍ରାଇଭର ମହାସଂଘର ଉପସଭାପତି ସୁମନ ଆଲଟିଆ, ନୟାଗଡ଼ ଜିଲା ସଭାପତି ଅବକାଶ କାଠୁଆ ଓ ଅନ୍ୟ କର୍ମକର୍ତ୍ତାମାନେ ବୈଠକରେ ଯୋଗଦେଇଥିଲେ। ଡ୍ରାଇଭରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ ନୀତି ନିର୍ଦ୍ଧାରଣ କରାଯାଇଥିଲା। ସେହିପରି ବ୍ଲକ ଓ ଜିଲାସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ସଂଘର ଖଣ୍ଡପଡ଼ା ବ୍ଲକ ସଭାପତି ରଜତ ଦାସ ପୌରୋହିତ୍ୟ କରିଥିଲେ। ଏ ଅବସରରେ ଖଣ୍ଡପଡ଼ା ସହରାଞ୍ଚଳର ସଦସ୍ୟମାନଙ୍କୁ ନେଇ ଗଠିତ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଖଣ୍ଡପଡ଼ା ନଗର ଡ୍ରାଇଭର ସଂଘର ସଭାପତି ଭାବେ ଭରତ ଚରଣ ପ୍ରଧାନ, ଉପସଭାପତି କେଶବ ଦାସ, ସମ୍ପାଦକ ଶେଖ ରହିମ, ସହ ସମ୍ପାଦକ ସୁରେଶ ରାଉତ ପ୍ରମୁଖଙ୍କୁ ଚୟନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଥିବା ଜଣାଯାଇଛି।

# ସେମିଫାଇନାଲରେ ବାହାଡ଼ାଖୋଲା ଟିମ୍

ନୂଆଗାଁ, ୨୬।୧୨ (ଡି.ଏନ.ଏ.)

## ନୂଆଗାଁ କପ୍ -୨୦୨୨

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କଲେଜ ସମ୍ମୁଖ ପଡିଆରେ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚରେ ସୋରଡା ଦଳକୁ ହରାଇ ବାହାଡ଼ାଖୋଲା ପଞ୍ଚାୟତ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ବାହାଡ଼ାଖୋଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ନିଷ୍ପତ୍ତି ନେଇଥିଲା। ବାହାଡ଼ାଖୋଲା ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲା। ଜବାବରେ ସୋରଡା ଦଳ ୧୫ ଓଭର ଖେଳି ୬ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରି ପରାଜୟବରଣ କରିଥିଲା। ଏହି ମ୍ୟାଚରେ ବାହାଡାଖୋଲା ଦଳର କାହ୍ନା ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ହାସଲ କରିଥିଲେ। ରାମେଶ୍ୱର ସୁପର ମାର୍କେଟର ମାଲିକ ଲକ୍ଷ୍ମୀଧର ପରିଡ଼ା ଏହି ଟ୍ରଫି ପ୍ରଦାନ କରିଥିବା ଆୟୋଜକ କମିଟି ସୂଚନା ଦେଇଛି। ଏହି ମ୍ୟାଚରେ ରାମେଶ୍ୱର ସୁପର ମାର୍କେଟର ମାଲିକ ଲକ୍ଷ୍ମୀଧର ପରିଡା ଓ ଆଇନଜୀବୀ ଶିବଦତ୍ତ ପାତ୍ର, ଖବରଦାତା ହୃଦୟାନନ୍ଦ ସାସମଲ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ସଞ୍ଜୟ କୁମାର ଆଚାର୍ଯ୍ୟ ଓ ଅଞ୍ଜନ କୁମାର ଗୋଛାୟତ ପରିଚାଳନା କରିଥିଲେ। ମଙ୍ଗଳବାର ସିକ୍ରିଡା ପଞ୍ଚାୟତ ଦଳ ସହ ନୂଆଗାଁ ଏଫ୍‌ଇସିସି ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।




ଅତିଥିମାନେ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି।

# ଖଣ୍ଡପଡ଼ା ମହୋତ୍ସବ, ପଲ୍ଲିଶ୍ରୀ ମେଳା ୪ଦିନ ହେବ

ଖଣ୍ଡପଡ଼ା,୨୬।୧୨(ସ୍ୱ.ପ୍ର.)

କଳାବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମରେ ମଙ୍ଗଳବାରଠାରୁ ୪ ଦିନ ବ୍ୟାପୀ ଆରମ୍ଭ ହେବ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ଏହି ଅବସରରେ ଆୟୋଜିତ ଖଣ୍ଡପଡ଼ା ମହୋତ୍ସବର ପ୍ରଥମ ପର୍ବ ସୋମବାରଠାରୁ ଆରମ୍ଭ ହୋଇଛି ବୋଲି କମିଟିର ମୁଖ୍ୟ ପୁରୋଧା ପ୍ରଦୀପ୍ତ କିଶୋର ମିଶ୍ର ଓ ଆବାହକ ଶିକ୍ଷକ ଦୟାନିଧି ଦାସ ସୂଚନା ଦେଇଛନ୍ତି। ୨ ଚକୁଳିଆ ପଣ୍ଡା ବିନାୟକ ସୁନ୍ଦର ସିଂ ଓ ଦୟାନିଧି ଦାସ ବେଶଧାରୀ ଖଣ୍ଡପଡ଼ା ସହର ଓ ଗାଁଗୁଡିକ ପରିକ୍ରମା କରି ମହୋତ୍ସବକୁ ଅଞ୍ଚଳବାସୀଙ୍କୁ ନିମନ୍ତ୍ରଣ କରିଥିଲେ। ଚିରାଚରିତ ଢଙ୍ଗରେ ଚକୁଳିଆ ପଣ୍ଡା ଗୀତ ଗାଇ ସେମାନେ ନଗର ପରିକ୍ରମା ସାଧାରଣରେ କୌତୂହଳ ସୃଷ୍ଟି ହୋଇଥିଲା। ଗଳିକନ୍ଦିରେ ସେମାନଙ୍କୁ ହରି ବୋଲ ହୁଳହୁଳି ପକାଇ ଝିଅ ବୋହୂମାନେ ସ୍ୱାଗତ କରିଥିଲେ। ଆୟୋଜିତ ଏହି ମହୋତ୍ସବକୁ ସରସ ସୁନ୍ଦର କରିବାକୁ କମିଟିର କର୍ମକର୍ତ୍ତାମାନେ ପୂରାଦମରେ ଲାଗି ପଡ଼ିଛନ୍ତି। ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ ପରିସରରେ ମଙ୍ଗଳବାରଠାରୁ ମହୋତ୍ସବ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବ ବୋଲି ଜଣାଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ରୂପେ ମହୋତ୍ସବର ଅଧ୍ୟକ୍ଷ ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାରତୀ ଭୂଷଣ ମିଶ୍ର, ୨ୟ ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି, ୩ୟ ଦିବସରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବିଜେଡିର ସମ୍ପାଦକ ମହମ୍ମଦ ସକିଲ, ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମୁଖ୍ୟବକ୍ତା କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମହୋତ୍ସବ ପଡ଼ିଆରେ ୪୦ରୁ ଊର୍ଦ୍ଧ୍ୱ ସରକାରୀ ଷ୍ଟଲ ଓ ୫୦ରୁ ଊର୍ଦ୍ଧ୍ୱ ବେସରକାରୀ ଷ୍ଟଲ ଖୋଲାଯିବ। ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ଦେଇଛନ୍ତି ମହୋତ୍ସବ କମିଟି ସଭାପତି ମିଶ୍ର କହିଛନ୍ତି। ବିଶେଷକରି ମହୋତ୍ସବକୁ ଏକ ନିଆରା ଢଙ୍ଗରେ ପାଳନ କରାଯିବା ସହ ପ୍ଲାଷ୍ଟିକମୁକ୍ତ ପରିବେଶ ଉପରେ ଗୁରୁତ୍ୱ ଦିଆଯାଇଥିବା ଆୟୋଜକଙ୍କଠାରୁ ପ୍ରକାଶ।




ମହୋତ୍ସବ ପାଇଁ ଚାଲିଥିବା ପ୍ରଚାରରେ ସାମିଲ ହୋଇଥିବା ବେଶଧାରୀ ଚକୁଳିଆ ପଣ୍ଡା ଓ କିନ୍ନରମାନେ।

## ନଗର ପରିକ୍ରମା କରି ନିମନ୍ତ୍ରଣ କଲେ ୨ ଚକୁଳିଆ ପଣ୍ଡା